ନମସ୍କାର

This book should be

ଲେଖକ:—ଶ୍ରୀ ବଟକୃଷ୍ଣ ପ୍ରହରାଜ, ବ. ଏ.

କଟକ

ପ୍ରକାଶକ

ଶ୍ରୀ ଉଦୟନାଥ ରଥ

ଟ୍ରେଡିଂ କଂପାନୀ

Digitized by srujanika@gmail.com

ଅନାମ

କାମ ପଡ଼ିଲା । ମାନ୍ଦ୍ରାଜ ଗଲି । ଗୋଟିଏ ବଡ଼ ହୋଟେଲରେ ରହିଲି । ଓଳିଏ ଖଣ୍ଡେ ଯାଇଛି କି ନାହିଁ, ଶତ୍ରାପାଣ୍ଡୁ ଓ ମେଣ୍ଟ-ପୋଟାଇଲ୍ଙ୍କର ଅତ୍ୟାଗ୍ରହରେ ସେଠାରେ ରହିବା ମୋ ପକ୍ଷରେ ଅସମ୍ଭବ ହୋଇ ପଡ଼ିଲା । ବହୁ କଷ୍ଟରେ ନଗରର ଦକ୍ଷିଣ ଉପକଣ୍ଠରେ ଗୋଟିଏ ହୋଟେଲର ଆଶ୍ରୟ ନେଲି, ଯେଉଁଠାରେ କି ଏମାନଙ୍କ ହାତରୁ ସାମାନ୍ୟ ନିଷ୍କୃତି ମିଳିଲା; ମାତ୍ର ସବୁବେଳେ 'କୁର୍‌ଚଣ୍ଡି', 'ନେନୁତ୍ୱାଲ୍‌ତାନୁ' ଇତ୍ୟାଦି ଦୁର୍ବୋଧ କଥା ଶୁଣି ଶୁଣି କାନର ଅରଟ ଧରିଗଲା ।

ଖରା ଦିନଟା । ରାତି ପ୍ରାୟ ନଅଟା ହେବ । ହୋଟେଲର ଛୋଟ ଅଗଣାରେ ଖଣ୍ଡିଏ ଜୀର୍ଣ୍ଣ ଚୌକିରେ ବସିଲି । ସୁଖସ୍ପର୍ଶ ସାନ୍ଧ୍ୟସମୀରଣରେ ଆଖି ପତା ଲାଗି ଲାଗି ଆସିଲା । ହଠାତ୍ ହୋଟେଲ ସଂଲଗ୍ନ କୌଣସି ଲୋକର ... ଇଂରାଜ ବା ଆଉ ଖବରକାଗଜ ପଢ଼ୁଥିବାର ... ନିଦ କୁଆଡ଼େ ଉଡ଼ିଗଲା, ବଡ଼ ...ଲି । ବହୁଦିନ ପରେ ...ନ୍ତର୍ଗତ ଓଡ଼ିଆ ...ଗୋଟିଏ ମୂର୍ତ୍ତି

ଆନନ୍ଦ ଅନୁଭବ କଲି । କିଛିକ୍ଷଣ ପରେ କାଗଜ-ପଢ଼ା ବନ୍ଦ ହେଲା । ଖାଇକରି ଶୋଇଲି ।

ତହିଁ ଆରଦିନ ସକାଳୁ ଉଠି ନିତ୍ୟକର୍ମ ଶେଷ କରି ପଦାକୁ ବାହାରି ସେହିଘର ଦାଣ୍ଡ ଦୁଆର ପାଖରେ ପହଞ୍ଚିଲି । ଦାଣ୍ଡ କବାଟ ମେଲା ଥିଲା । ଜଣେ ଦୀର୍ଘକାୟ ମୁସଲ୍‌ମାନ ପ୍ରୌଢ଼ ଦାଣ୍ଡଘର ଚୌକିରେ ବସିଥିଲେ । ସେ ଘର ନୁହେଁ ବୋଲି ଅନୁମାନକରି ବାହୁଡ଼ି ଆସୁଥିଲି, ମାତ୍ର ସେହି ମୁସଲମାନ ଭଦ୍ରଲୋକଟି ଦାଣ୍ଡ ପିଣ୍ଡାକୁ ଆସି ମତେ ପଚାରିଲେ, "କିସ୍‌କୁ ତଲାସ୍ କର୍‌ତେହୋ" ମୁଁ ମୋର ବିଶୁଦ୍ଧ ଉର୍ଦ୍ଦୁ ଭାଷା-ଜ୍ଞାନର ପରିଚୟ ଦେଇ କହିଲି, "ଆପ୍‌କା ପାଖେ ଓଡ଼ିଆ ଖବରକାଗଜ ପାୟାଯାତା ହେ ।"

ଭଦ୍ରଲୋକ—ଆପ୍ ଓଡ଼ିଆ ପଢ଼ନେ ସକ୍ତେ ହେଁ ।

ମୁଁ-ହାମ୍ ଓଡ଼ିଆ । ଏହାପରେ କି କ୍ରିୟାପଦ ବ୍ୟବହାର କରିବି ତାହା ନ ପାଇଥିବାରୁ ଅଳ୍ପ ଅଳ୍ପ ହସି କରି ମୁଣ୍ଡ ଟୁଙ୍ଗାରି ଦେଲି । ସେ ଭଦ୍ରଲୋକ ତଳକୁ ଓହ୍ଲାଇ ଆସି ମୋ ହାତ ଧରି ବଡ଼ ଆଦରରେ "ଆସନ୍ତୁ ଆ..." କହି ଘର ମଧ୍ୟକୁ ମତେ ନେଇ ଗ...

ମତେ ଖଣ୍ଡିଏ ଚ...
ଚୌକିରେ ବସି...

Digitized by srujanika@gmail.com

ମୁଁ – କଟକ ଜିଲ୍ଲା ।

ସେ – କଟକ ଜିଲ୍ଲା କେଉଁ ଗାଁ ?

ମୁଁ – ଜଗତ୍‌ସିଂହପୁର ।

ସେ – ଜଗତ୍‌ସିଂହପୁର, ନା ତା ପାଖରେ କେଉଁଠାରେ ?

ମୁଁ – ତରତଙ୍ଗ ।

ସେ – ନନ୍ଦ ସାହୁରେ ?

ମୁଁ – ହଁ ନନ୍ଦ ସାହୁରେ । ଆପଣତ ଆମର ସେଆଡ଼
କଥା ଭୁଆଡ଼ୁ ଜାଣିଛନ୍ତି । ଆପଣଙ୍କ ଘର ?

ସେ – ମହେନ୍ଦ୍ରପୁର ।

ମୁଁ – କେଉଁ ମହେନ୍ଦ୍ରପୁର ।

ସେ – ବାଲିଆ ମହେନ୍ଦ୍ରପୁର ।

ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି – ମହେନ୍ଦ୍ରପୁର ! ମୋ ମାମୁଘର ମହେନ୍ଦ୍ରପୁର । ମୁଁ ଭଲ କରି ଜାଣେ, ସେ ଗାଁରେ ତ କୌଣସି ମୁସଲମାନ ଘର ନାହିଁ

ସେ – ମୁଁ ଜାତିରେ ବ୍ରାହ୍ମଣ ଥିଲି । ବର୍ତ୍ତମାନ ମୁସଲମାନ ଧର୍ମ ଗ୍ରହଣ କରିଛି । ଏ କଥା ଶୁଣି ବୋଧହୁଏ ମୋ ମୁହଁରେ ଗୋଟାଏ ଘୃଣା ଓ ତାଚ୍ଛଲ୍ୟର ଭାବ ଖେଳିଗଲା । ମିଆଁ ସାହେବ ତାକୁ ଲକ୍ଷକରି ବଡ଼ କରୁଣ କଣ୍ଠରେ କହିଲେ, "ମତେ ବାଧ୍ୟ ହୋଇ ମୁସଲମାନ ଧର୍ମ ଗ୍ରହଣ କରିବାକୁ ପଡ଼ିଲା ।"

Digitized by srujanika@gmail.com

ଏହା ଶୁଣି ମୁଁ ମନେ ମନେ ବିରକ୍ତ ହୋଇ କହିଲି, ଆଜିକାଲି ତ କିଛି ଅଁଗ୍ରେଜଙ୍କ ଅମଳ ହୋଇ ନାହିଁ ଯେ ଆପଣଙ୍କୁ କିଏ ବାଧ କଲା ।

ମିଆଁ ସାହେବ କ୍ଷଣକାଳ ମୌନାବଲମ୍ବନ କରି କହିଲେ – ଆଜିକାଲି ଯିନା କୌଣସି ରାଜଶକ୍ତି ଧର୍ମାନ୍ତର ଗ୍ରହଣ କରିବାକୁ କାହାକୁ ବାଧ କରୁ ନାହିଁ; ମାତ୍ର ହିନ୍ଦୁ ସମାଜର ଅତ୍ୟାଚାର ଫଳରେ ଆଜି ଯେ କେତେ ଲୋକ ବାଧ ହୋଇ ଅନ୍ୟ ଧର୍ମ ଗ୍ରହଣ କରୁଛନ୍ତି, ତାର ହିସାବ କିଏ ରଖୁଛି ? ଅପଶୋଣାମଦର୍ଶୀ ସମାଜର ବ୍ୟବସ୍ଥା ଫଳରେ ଅଛୁ ପଞ୍ଜସ୍ଥାନର "ଭୈରବ ରଙ୍ଗ" ଓ ସାମ୍ପ୍ରଦାୟିକ ଦଙ୍ଗାହଙ୍ଗାମାର ନଗ୍ନ ତାଣ୍ଡବ ସ୍ୱାଧୀନତା ପଥରେ ଅଚଳ ମହାମେରୁ ପରି ଦଣ୍ଡାୟମାନ ।

ଏତକ ଏକା ନିଶ୍ୱାସରେ କହି ଦେଇ ମିଆଁ ସାହେବ ଗୋଟିଏ ଦୀର୍ଘ ନିଶ୍ୱାସ ଛାଡ଼ି ଭିତର ଆଡ଼କୁ ମୁହଁ କରି ଡାକିଲେ, "ରଜିଆ ବିବି ! ଦ'ଖଣ୍ଡି ପାନ ଆଣିଲ, ଆମରି ଆଡ଼ର ଜଣେ ଭଦ୍ରଲୋକ ଆସିଛନ୍ତି ।"

ମୁଁ ମନେକରିଥିଲି ଘଣ୍ଟାଟୋପରେ ଆପଦମସ୍ତକ-ଆବୃତ୍ତା ରଜିଆ ବେଗମଙ୍କର ଆବିର୍ଭାବ ହେବ । ମାତ୍ର ହସ ହସ ମୁହଁରେ ରଜିଆ ବିବି ଗୋଟିଏ ଥାଳିଆରେ ପାନଖିଲି ଘେନି ପହଞ୍ଚିଲେ । ଦେଖିଲି ଘଣ୍ଟାଟୋପ ନାହିଁ କିମ୍ବା ଭ୍ରୂଭଙ୍ଗୀ

Digitized by srujanika@gmail.com

ଯାକର ଫାସିଅ ତାଙ୍କ କାନରେ ଏକବିତ ହୋଇ ନାହାନ୍ତି । ସେ ମୋ ପାଖରେ ଥାଳିଅଛି ଥୋଇଦେଇ ଘରଭିତରକୁ ଚାଲିଗଲେ । ପାନ ଖାଇଲି ମାତ୍ର ଗୁଣ୍ଡି କଡ଼ା ହେବାରୁ ମୋ ମୁହଁ ଝାଳେଇ ଗଲା । ଏହା ଦେଖି ମିଆଁ ସାହେବ କହିଲେ, "ଗୁଣ୍ଡି କଡ଼ା ହେଲା ପରା, ମୁହଁଟା ଧୋଇ ପକାନ୍ତୁ" ମୋ ମୁହଁକୁ ଅନାଇଲେ । ତାଙ୍କ ମୁହଁର ଭାବଭଙ୍ଗିରୁ ମୁଁ ଅନୁମାନକଲି, ସେ ବୋଧହୁଏ ତାଙ୍କ ଘରୁ ପାଣି ମଗାଇବାକୁ କୁଣ୍ଠିତ ହେଉଛନ୍ତି । କାରଣ ମୁସଲମାନଘର ପାଣିରେ ମୁହଁ ଧୋଇବାକୁ ମୋର ଆପତ୍ତି ଥାଇପାରେ ବୋଲି ସେ ସନ୍ଦେହ କରୁଛନ୍ତି । ମୁଁ ତାଙ୍କ ମନୋଗତଭାବ ବୁଝିପାରି କହିଲି—"ହଜୁର ତେବେ ଗିଲାସେ ପାଣି ମଗାନ୍ତୁ ।" ରଜିଆବିବି ବୋଧହୁଏ ସେହି କବାଟ ସେପାଖରେ ଥିଲେ । ମୋ କଥା ଶୁଣି ପାଣି ଗିଲାସେ ଆଣି ମୋ ହାତକୁ ବଢାଇ ଦେଲେ । ମୁଁ ଦାଣ୍ଡ ପିଣ୍ଡାକୁ ଯାଇ ମୁହଁ ଧୋଇକରି ଫେରିଲି । ଚୌକିରେ ବସି ଗିଲାସରେ ଥିବା ଅବଶିଷ୍ଟ ପାଣିତକ ପିଇ ଦେଲି । ରଜିଆବିବି ତାଙ୍କ ସ୍ୱାମୀଙ୍କର ଚୌକି ପାଖରେ ଠିଆ ହୋଇଥିଲେ । ଗିଲାସରୁ ପାଣି ପିଇବାର ଦେଖି ତାଙ୍କ ସ୍ୱାମୀଙ୍କୁ କହିଲେ— "ଅଚ୍ଛା ! ବାବୁ ଆମଘରେ ଜଳଖିଆ କରିବାକୁ ଆପତ୍ତି କରିବେ କି ?" ମିଆଁ ସାହେବ କିଛି କହିବା ପୂର୍ବରୁ ମୁଁ ରଜିଆବିବିଙ୍କ ଆଡ଼କୁ ଅନାଇକରି କହିଲି—"ମୋର ଆପଣଙ୍କ ଘରେ ଭାତ ଖାଇବାକୁ ମଧ୍ୟ କୌଣସି ଆପତ୍ତି ନାହିଁ । ମାତ୍ର ମୁଁ ଗୋମାଂସକୁ ଘୃଣା କରେ ।" ମିଆଁ

ସାହେବ—ଆମେ ତ ଗୋମାଂସ ସ୍ପର୍ଶ କରୁନାହୁଁ । ଏପରିକି ଆମେ ଦୁହେଁ କୌଣସି ମାଂସ ଖାଉନାହୁଁ । ତେବେ ଆପଣ ନିଶ୍ଚୟ ଆଜି ସନ୍ଧ୍ୟାକୁ ଆମ ଘରେ ଖାଇବେ । ଆଉ ମୋର ଓ ରଜିଆ ବିବିଙ୍କର ପୂର୍ବ ଇତିହାସ ଶୁଣିବେ । ଆପଣଙ୍କ ଆଗରେ କହିଲେ ମୋ ମନରେ ଯୋଟାଏ ଶାନ୍ତି ଆସିବ ।

ସନ୍ଧ୍ୟାବେଳେ ନିମନ୍ତ୍ରଣ ରକ୍ଷାର ପ୍ରତିଶ୍ରୁତି ଦେଇ ହୋଟେଲକୁ ଫେରିଲି ।

—※—

ପ୍ରଥମ ସନ୍ଧ୍ୟା

ପ୍ରକୃତରେ ସେମାନଙ୍କର ପୂର୍ବ-ବୃତ୍ତାନ୍ତ ଜାଣିବାକୁ ମନରେ ବଡ଼ କୌତୂହଳ ଜନ୍ମିଲା । ଠିକ୍ ସନ୍ଧ୍ୟାକୁ ଯାଇଁ ତାଙ୍କ ଘରେ ପହଞ୍ଚିଲି । ମିଆଁ ସାହେବ ବଡ଼ ଆଦର ସହକାରେ ମୋତେ ପାଛୋଟି ନେଲେ । ଭିତର ଖଞ୍ଜାରେ ଯାଇଁ ବସିଲୁ । ରଜିଆ ବିବି ରୁଷାଇ କରୁଥିଲେ । ହସ ହସ ମୁହଁରେ ମୋ ପାଖରେ ପହଞ୍ଚିକରି କହିଲେ--"ଖାଇବାକୁ ହୋଇଗଲାଣି । ଆମେ ତ ସହଜେ ଗରିବ, ତହିଁରେ ପୁଣି ଜନମମାଟିର ସବୁ ମାୟା ମମତାରେ ଜଳାଞ୍ଜଳି ଦେଇ, ଭାଇ ବନ୍ଧୁ କୁଟୁମ୍ବମାନଙ୍କଠାରୁ ଅଲଗା ହୋଇ ଏ ଦୂରଦେଶରେ ପଡ଼ିଛୁ । ଆପଣଙ୍କୁ କିପରି ଭାବରେ ଚର୍ଚ୍ଚା କରିବୁ ?" ଏତିକି କହିଲାବେଳେ ତାଙ୍କର ସେ ନିସର୍ଗ ସୁନ୍ଦର ଆଖି

Digitized by srujanika@gmail.com

ଧଓଟି ଲୁହରେ ଛଳଛଳ ହୋଇଗଲା ଓ ସେ ସେଥିରୁ ଗ୍ଭଲିଗଲେ । ତାଙ୍କର ଏ ଭାବାନ୍ତର ଲକ୍ଷ କରି ସେମାନଙ୍କର ଅଖ୍ୟାୟିକା ଜାଣିବା ପାଇଁ ମନ ଅଧୁର ବ୍ୟଗ୍ର ହୋଇ ଉଠିଲା ।

ମୋ ପାଇଁ ଓ ମିଆଁ ସାହେବଙ୍କ ପାଇଁ ଖାଇବାକୁ ବଢ଼ାଗଲା । ଦୁହେଁଯାକ ଯାଇଁ ଖାଇବସିଲୁ । ସରୁଚକୁଳି କ୍ଷୀରପରି, ନଡ଼ିଆଟଇଣ୍ଡୁରି, ଦୁଧ ଓ ଅନେକ ପ୍ରକାର ତିଅଣ, ସବୁ ଆମରି ଅଡ଼ର ଖାଦ୍ୟ । ବହୁଦିନ ପରେ ଆଜ ଏ ଖାଦ୍ୟ ଖାଇ ବଡ ତୃପ୍ତି ଲାଗିଲା । ବିଶେଷତଃ ଶନ୍ତ୍ରାପାଣ୍ଡୁ ଓ ମେରି-ପୋକାଇଲ୍ଙ୍କ ସଙ୍ଗରେ ମୋଟେ ଦେଖାନାହିଁ କହିଲେ ଚଳେ । "ସାହି ମଧୁସୂଦନ" କହି ପୂର୍ଣ୍ଣଗ୍ରାସ ଚଢ଼ାଇଲି । ମୋର ପୂର୍ଣ୍ଣଗ୍ରାସ ଦେଖି ଓ ମୋଠାରୁ ରନ୍ଧାଅ ଦେଗମଙ୍କର ରନ୍ଧନ କୁଶଳତାର ପ୍ରଶଂସା ଶୁଣି, ସେ ଦୁଇ ପ୍ରାଣୀଯାକ କୃତକୃତ୍ୟ ହୋଇଗଲେ । ଅତ ଆପଣାର ପ୍ରିୟବାନ୍ଧବ ପରି ମୋ ପ୍ରତି ସେମାନଙ୍କର ବ୍ୟବହାର ଦେଖି ବଡ଼ ଆନନ୍ଦ ଅନୁଭବ କଲି । ଖାଇସାରି ଦାଣ୍ଡ ଘରେ ଆସି ବସିଲୁ । ମୋର ଅନୁରୋଧରେ ମିଆଁ ସାହେବ ଆରମ୍ଭ କଲେ:—

ମୋର ଜନ୍ମ ନା ପିଠାପୁର । ମୁଁ ଜାତରେ ବ୍ରାହ୍ମଣ ଥିଲି । ସାତ ବର୍ଷ ଦନୁ ମାଛେଉଣ୍ଡ, ତଥାପି ବୁଢ଼ା ପିଉସୀଙ୍କଠାରେ ଯତ୍ନ

Digitized by srujanika@gmail.com

ଓ ବାପାଙ୍କର ସ୍ନେହାଦର ଯୋଗୁଁ ବୋଝର ଅଭାବ ଅନୁଭବ କରି ନ ଥିଲି । ଆମର ଅଧିକ କିଛି ସମ୍ପତ୍ତିବାଡ଼ି ନ ଥିଲା, ତଥାପି ଆମେ ବଡ଼ ଆନନ୍ଦରେ ଚଳୁଥିଲୁ; କାରଣ ବାପା ପୁରସ୍ଥାନ ବୃତ୍ତିରୁ ଭଲ ଟଙ୍କାପଇସା ପାଉଥିଲେ । ମୁଁ ଗ୍ରାମ ପାଠଶାଳାର ପଢ଼ା ଶେଷ କରି, ସିଦ୍ଧେଶ୍ୱରପୁର ମାଇନର ସ୍କୁଲରେ ନାଁ ଲେଖାଇଲି । ଚାରିବର୍ଷ ପରେ ମାଇନର ପାଶ୍ କଲି । ମୋର ବୟସ ଟିକିଏ ଅଧିକ ହୋଇ ଯାଇଥିଲା । ସେତେବେଳକୁ ମତେ ଷୋଳ ବର୍ଷ । କଟକରେ ମତେ ପଢ଼ାଇବା ପାଇଁ ବାପାଙ୍କର ଭାରି ଇଚ୍ଛା, ମାତ୍ର କଟକ ଖର୍ଚ୍ଚ ଚଳାଇବା ତାଙ୍କ ପକ୍ଷରେ ଅସମ୍ଭବ। ଯେଉଁବେ ମାଗିଜାଚି କରି ପଢ଼ାଇବେ ବୋଲି ବାପା ମନରେ ଦମ୍ଭ ବାନ୍ଧିଲେ । ବାପ ପୁଅ, ଦୁହେଁ ଦିନେ ଆମ ଗାଁ ପାଖ ବଡ଼ଗଡ଼ର ଦୀନୁବାବୁ ମୁକ୍ତାରଙ୍କ ବସାକୁ ଗଲୁ । ବାପା ଦୀନୁବାବୁଙ୍କୁ ମୋର ପଢ଼ା ପାଇଁ କିଛି ସାହାଯ୍ୟ ପ୍ରାର୍ଥନା କଲେ । ମାତ୍ର ଦୀନୁବାବୁ ଗୋଟିଏ ଭଲବାଟ ବତାଇଲେ । ତାଙ୍କର ଆଠବର୍ଷର ଗୋଟିଏ ଝିଅ ଓ ଛଅବର୍ଷର ପୁଅ ଥିଲେ । କଥା ହେଲା, ମୁଁ ତାଙ୍କ ବସାରେ ରହି ସେମାନଙ୍କୁ ପଢ଼ାଇବି ଓ ଦୀନୁବାବୁ ମୋର ସମସ୍ତ ଖରଚ ବହନ କରିବେ । ମୁଁ ପିଲାଲୋକ, କାଳେ ପଢ଼ାଇ ପାରିବି ନାହିଁ ବୋଲି ବାପା ପ୍ରଥମରେ ରାଜି ହେଲେ ନାହିଁ । ମାତ୍ର ଦୀନୁବାବୁ ବାପାଙ୍କୁ ଅଭୟ ଦେଇ କହିଲେ, ସେ ସବୁ-କଥା ବୁଝାଇ ନେବେ । ବାପା ରାଜି ହେଲେ । ମୋ ନା

Digitized by srujanika@gmail.com

ଏକାଡେ଼ମିରେ ଲେଖା ହେଲା । ବାପା ଗ୍ରାମକୁ ବାହାରିଲେ । ବିଦେଶରେ ସବୁବେଳେ ଦେହ ପା ପ୍ରତି ଉପର ନଜର ରଖିବାକୁ ହେବ ଓ ଦୀନୁବାବୁଙ୍କ କଥାକୁ ସବୁବେଳେ ଉପର ମାନି ଚଳିବାକୁ ହେବ, ଏ ବିଷୟରେ ଅନେକ ଗୁଡ଼ିଏ ଉପଦେଶ ଦେଇ ବାପା ବିଦାହେଲେ । ବାପା ଗଲା ବେଳେ ମତେ ଭିଡ଼ି କାନ୍ଦ ମାଡ଼ିଲା ଓ ମୁଁ ଜଇଁ ଭଇଁ ହୋଇ କାନ୍ଦି ପକାଇଲି । ବାପା ମଧ୍ୟ ତାଙ୍କର ମାତୃଶୂନ୍ୟ ଏକମାତ୍ର ପୁତ୍ରଟିଠାରୁ ବିଦାୟ ନେଲାବେଳେ ଆଖିରୁ ଲୁହ ଗଡ଼ାଇ ପକାଇଲେ ।

ବିଦେଶ ଦେହସୁଦ୍ଧା ହୋଇଗଲା । ବାପା ବି ମଧ୍ୟେ ମଧ୍ୟେ ଆସି ମୋର ଖବରଅନ୍ତର ବୁଝି ଯାଆନ୍ତି । ମୁଁ ଥାର୍ଡ଼କ୍ଲାସକୁ ଉଠିଲି । ହଠାତ୍ ଦିନେ ବାପାଙ୍କର କାଳ ହୋଇଗଲା । ଗ୍ରାମକୁ ଯାଇ କୌଣସି ପ୍ରକାର ତାଙ୍କର ଶୁଦ୍ଧଶ୍ରାଦ୍ଧ ଶେଷକରି କଟକ ଫେରି ଆସିଲି । ସେହିଦିନଠାରୁ ଗ୍ରାମ ସହିତ ମୋର ସମସ୍ତ ସମ୍ପର୍କ ତୁଟିଗଲା ।

ଦୀନୁବାବୁଙ୍କ ବସାରୁ ଦୁଇଗୋଟି ଘରଛଡ଼ା ଦାମ ମୋହରିରଙ୍କ ବସା । ଦାମବାବୁଙ୍କ ଘର ମାହାଙ୍ଗା । ଘର ସହିତ ପ୍ରାୟ ତାଙ୍କର କୌଣସି ବିଶେଷ ସମ୍ପର୍କ ନ ଥାଏ । ବସାଖଣ୍ଡିକ ତାଙ୍କ ନିଜର । କଟକରେ ଓକିଲ ମୋହରିର କାମ କରି ଦୁଇ ପଇସା ରୋଜଗାର କରି ଚଳନ୍ତି , ତାଙ୍କ

Digitized by srujanika@gmail.com

ସ୍ତ୍ରୀ ବହୁଦିନ ଅଗରୁ ମରି ଯାଇଥିଲେ । ବସାରେ ତାଙ୍କର ବିଧବା ଶାଳୀ ସେବତୀ ଓ ଏଗାର ବାରବର୍ଷର କନ୍ୟା ରଜନୀ ଥାନ୍ତି । ରଜନୀଟି ଭାରି ସୁନ୍ଦରୀ । ତକ୍ ତକ୍ ଗୋରା ଦେହରଙ୍ଗ, ମୁହଁଟି 'ଠ' ପରି ବର୍ତ୍ତୁଳ । ଚନ୍ଦ୍ରମାରେ କୌମୁଦୀ ଲାଗି ରହିଲା ପରି ସେ ଚହଟଚକ୍ କଣ ମୁହଁରେ ସବୁବେଳେ ଗୋଟିଏ ମଧୁର ଦରସ୍ମିତର ନିର୍ଯ୍ୟାସ ବୋଳା ହେଲାପରି ଦିଶୁଥାଏ । ନୀଳକଇଁର ପାଖୁଡ଼ାରେ ପାଣି ପଡ଼ି ଢଳ ଢଳ ହେଲାପରି ତା ଆଖିର ଡୋଳା ଦିଓଟି ସବୁବେଳେ ଚଞ୍ଚଳ । ଖଣ୍ଡାପରି ତୀକ୍ଷ୍ଣ ନାକ । ଦିଓଟି ପାତଳ ରଙ୍ଗ-ଚହଟିଆ ଓଠ । ଦେଖିଲେ ପେଟ ପୁରି ଉଠେ ।

ମଟର ବସ ପଡ଼ାରେ ସମସ୍ତେ, "ମାଷ୍ଟରେ, ମାଷ୍ଟରେ" ବୋଲି ଡାକନ୍ତି । ମୁଁ ଅନେକ ସମୟରେ ତାଙ୍କ ବସାକୁ ଯାଏ । ରଜନୀ ଗଙ୍ଗାମନ୍ଦିର ସ୍କୁଲରେ ପଢୁଥିଲା । ପ୍ରାୟ ଅଳ୍ପଦିନ ହେଲା ପଢା ଛାଡ଼ି ଦେଇଛି । କାରଣ ତାର ସେବତୀ ମାଉସୀ ମନା କଲେ, କହିଲେ "ମାଇପି ଝିଅ, ସେତେ ପଢ଼ିଲେ କଅଣ ହେଲା, ସେହି ଚୁଲି ମୁଣ୍ଡକୁ ଯୋଗ୍ୟ ।" - ରଜନୀକୁ ମୁଁ ଭଲ ଭଲ ବହିସବୁ ଆଣି ପଢ଼ିବାକୁ ଦିଏ । ବେଳେବେଳେ ତା ସାଙ୍ଗରେ ଟିକିଏ ରଙ୍ଗ ରହସ୍ୟ ବି କରେ । ଭବିଷ୍ୟତର ଗୋଟିଏ ରଙ୍ଗିନ୍ ଆଶା ମନରେ ପୋଷଣ କରି ମୁଁ ତାକୁ ପେଟ ଭିତରେ ଭାରି ସ୍ନେହକରେ । ଅନେକ ସମୟରେ ତା ପାଖରେ ବସି

Digitized by srujanika@gmail.com

ପୁରାଣମାନଙ୍କରୁ, ସୀତା, ସାବିତ୍ରୀ ଓ ନଳଦମୟନ୍ତୀଙ୍କର ଉପାଖ୍ୟାନ ଗପ କରେ ।

କିଛି ଦିନ ପରେ ବାଧ୍ୟ ହୋଇ ମତେ ପଢ଼ା ଛାଡ଼ିବାକୁ ପଡ଼ିଲା । କାରଣ ଦୀନୁବାବୁଙ୍କର ପିଲାଙ୍କୁ ଘରେ ପଢ଼ାଇବା, ବଜାର ସଉଦା କରିବା, ଡ଼ାକ୍ତର ଘରୁ ଦୀନୁବାବୁଙ୍କର ସ୍ତ୍ରୀଙ୍କ ପାଇଁ ଦୁଇବେଳ ଔଷଧ ଆଣିବା ଓ ଅନ୍ୟାନ୍ୟ କାମରେ ସବୁ ବେଳେ ବ୍ୟସ୍ତ ରହିବାରୁ, ଜମାରୁ ପଢ଼ା ପଢ଼ି କରି ପାରିଲି ନାହିଁ । ଶେଷରେ ଦୀନୁବାବୁଙ୍କର ସୁପାରିଶ ବଳରେ ଗଙ୍ଗା-ମନ୍ଦିର ନିମ୍ନପ୍ରାଥମିକ ବିଦ୍ୟାଳୟରେ ପନ୍ଦର ଟଙ୍କା ଦରମାରେ ଦ୍ୱିତୀୟ ଶିକ୍ଷକ କାର୍ଯ୍ୟରେ ମୁକରର୍ ହେଲି । ଖାଇବା ପିନ୍ଧିବା ଦୀନୁବାବୁଙ୍କ ଅଡୁଚଳେ । ଦରମାଟିକ ଡ଼ାକଘରେ ଜମା କରେ ।

ବର୍ଷେ କାଳ ସ୍କୁଲ ମାଷ୍ଟର, ଦୀନୁବାବୁଙ୍କ ପିଲାଙ୍କ ମାଷ୍ଟର, ଦୀନୁବାବୁଙ୍କର ଛୁଟିପିଲା କାମ ଓ ରଜନୀକୁ ସ୍ନେହସୁହାଗ କରିବାରେ କାଳ କଟାଇଲି ପରି କୁଆଡ଼େ ଗୁଲିଗଲା ।

ଦଶହରା ଛୁଟି ହେଲା । ଦୀନୁବାବୁଙ୍କ ସଙ୍ଗରେ ତାଙ୍କ ଗ୍ରାମକୁ ଗଲି । ସେଠାରେ ମୋର ଖାଲି ସବୁବେଳେ ରଜନୀ କଥା ମନେ ପଡ଼ିଲା । କିପରି ଶୀଘ୍ର କଟକ ଯାଇଁ ରଜନୀଙ୍କୁ ଦେଖିବି ବୋଲି ହୃଦୟ ବିକଳ ହେଲି । ମତେ ପନ୍ଦର ଦିନ, ପନ୍ଦର ବର୍ଷ ପରି ଲାଗିଲା । କଟକ ଫେରିଲି । ଲୁଗାପଟା ନ ବଦଳି ଧାଇଁଲି ରଜନୀଙ୍କ ବସାକୁ । ରଜନୀକୁ ଦେଖିଲି, ମାଙ୍କ

ଆଜି ତାର ପୂର୍ବର ସେ ଖିଲଖିଆ ଭାବଭଙ୍ଗି ନାହିଁ । ବରଂ
ଗୋଟାଏ ଲଜ୍ଜା ସଙ୍କୋଚ ମିଶା ବ୍ୟବହାର, କିନ୍ତୁ ସେ ଦିନ
ସେ କାହିଁକି ମୋ ଆଖିକୁ ଭାରି ସୁନ୍ଦର ଦିଶିଲା । ମନେହେଲା,
ସବୁକାମ ଛାଡ଼ି ତାର ସେହି ମୁହଁଟିକୁ ଚାହିଁକରି ବସିଥାଆନ୍ତି ।
ମାଉସୀଙ୍କର ମଧ୍ୟ ଭାବ ପରିବର୍ତ୍ତନ ଲକ୍ଷକଲି । ତୁଚ୍ଛାଟାକୁ ମୋ
ଉପରେ ଓ ରଜନୀ ଉପରେ ଖାଲି ଚିଡ଼ିଚିଡ଼ିହେଲେ । କେତେ
କଥା ରଜନୀକୁ କହିବି ବୋଲି ମନରେ ଭାବିକରି ଆସିଥିଲି ।
ମାତ୍ର ସବୁ କଥା ଅକୁହା ରହିଗଲା । ବଡ଼ ଦୁଃଖରେ ବସାକୁ
ଫେରିଲି । ଆଉ ତାଙ୍କ ବସାକୁ ଯିବିନାହିଁ ବୋଲି ପ୍ରତିଜ୍ଞା
କଲି । ତହିଁଆର ଦିନ ସ୍କୁଲକୁ ଗଲି । ଭଲ କରି ପଢ଼ାଇ
ପାରିଲି ନାହିଁ । "ମାଉସୀ କାହିଁକି ଚିଡ଼ିଲେ", ଏହି ପ୍ରଶ୍ନ
ମନରେ ବାରମ୍ବାର ଉଦିତହେଲା । କେତେ କଥା ଭାବିଲି,
ମାତ୍ର କୌଣସି କାରଣ ସ୍ଥିର କରି ପାରିଲି ନାହିଁ । ଚାରିଟା
ବେଳେ ବସାକୁ ଫେରିଲି । ଗୋଡ଼ ଦୁଇଟା ଖାଲି ତାଙ୍କ
ବସା ଭିତରକୁ ପଶିଯିବାକୁ ଉଚାଟ ହେଉଥାଏ । ମନେ
ମନେ ସ୍ଥିର କଲି ନାହିଁ ! କାଲି ମାଉସୀ ଏତେ ଅପମାନ
ଦେଲେ, ଆଉ ତାଙ୍କ ବସାକୁ ଯିବି ନାହିଁ । କାଳୀଠାକୁରାଣୀଙ୍କ
ଆଡ଼େ ଚାଲିଲି । ମାତ୍ର ମୋ ଗୋଡ଼ ଦିଟାକୁ କିଏ ଉଠାଇ
ଧରିଲା । ଆଉ ଆଗକୁ ଯାଇ ପାରିଲି ନାହିଁ, ପଛକୁ ଫେରିଲି ।
ଦେଖିଲି ମୋ ଭିତରେ ଦୁଇଟା ମନ ହୋଇଯାଇଛି । ଗୋଟାଏ
କହୁଛି ତାଙ୍କ ବସାକୁ ଯିବାକୁ । ଆଉ ଗୋଟାଏ କହୁଛି, "ନା
ଯାଆନା ।" ଶେଷରେ ଯେ ଯିବାକୁ କହୁଥିଲା, ତାହାରିହିଁ

Digitized by srujanika@gmail.com

ଜଯୃତହେଲା । ଘୋଡ଼ ଶପି ଶପି ତାଙ୍କ ବସାକୁ ପଶିଲି । ଯାହା ଦେଖିଲି, ଚକ୍ଷୁସ୍ଥିର ହୋଇଗଲା । ଭାବିଲି ମୁଁ ବୋଧହୁଏ ଗୋଟିପଣେ ମିଳାଇଯାଇ ପାଣି ପରି ବୋହିଯିବ । ରଜନୀ ଖଣ୍ଡିଏ ସ୍ଲେଟ ଗାମୁଛା ପିନ୍ଧି ହାଲଟିଏ ଧରି ପାଇଖାନାରୁ ଆସୁଛି । ଅଙ୍କୁରିତ ଯୌବନର ଉଲ୍ଲସିତ ଶହ୍ନଗୁଡ଼ିକ ଯେପରିକି ସେ ସ୍ଲେଟ ଗାମୁଛା ଖଣ୍ଡିକୁ ଠେଲି କରି ଫୋପାଡ଼ି ଦେଉଛି । ମତେ ହଠାତ୍ ଦେଖି ରଜନୀର ହାତରୁ ହାଲଟି ଖସି ପଡ଼ିଲା । ତାର ସେ ସହଜ ମନୋଜ୍ଞ ମୁହଁଟି ରଙ୍ଗ ପଡ଼ିଗଲା । ସେ ମୋ ଆଡ଼କୁ ଟିକିଏ ଅନାଇ ଦେଇ ଅଳ୍ପ ହସି ତରତର ହୋଇ ଘର ଭିତରକୁ ପଶିଗଲା । ଏହି ସମୟରେ ମାଉସୀଙ୍କର କର୍କଶ ସ୍ୱର ଶୁଣାଗଲା, "ପୋଡ଼ାମୁହିଁ ! ହାଲଟା ଭାଙ୍ଗିଦେଲୁ" । ମୁଁ ମଧ୍ୟ ଅତଙ୍କି ହୋଇ ପଳାଇ ଆସିଲି । ଏତେବେଳେ ଯାଇଁ ଜାଣିଲି ନଡଆର କେଉଁ ଶୀଘ୍ରରେ ପାଣି ପଶୁଛି । ମାଉସୀଙ୍କର ଶଉ ଶଢ଼ ହେବାର ଉଦ୍ଦେଶ୍ୟ ।—

ଏହି ସମୟରେ ରଜିଆ ବେଗମ୍ ଭିତର ପଟରୁ ଡାକିଲେ, "ସାଢ଼େ ଏଗାରଟା ବାଜିଲା, କେତେ ଗପୁଛ" ।

ମନ ହେଉଥାଏ କଥାଟା ଶେଷ ପର୍ଯ୍ୟନ୍ତ ଶୁଣିବାକୁ । ମାତ୍ର ମିଆଁ ସାହେବଙ୍କର ନୈଶ-ବିଦ୍ୟାଳୟରେ ହାଜରା ପକାଇବା ସମୟ ହୋଇଗଲାଣି ବୋଲି ଭାବ କହିଲି, "ମୁଁ ଆଜି ଯାଉଛି । କାଲି ସନ୍ଧ୍ୟାକୁ ଆସି ସବୁ ଶୁଣିବି ।"

Digitized by srujanika@gmail.com

ରଜିଆବେଗମ ଭିତର ଆଡୁ କହିଲେ, କାଲି ମଧ୍ୟ ସନ୍ଧ୍ୟାକୁ ଆମ ଘରେ ଖାଇବେ ନିଶ୍ଚୟ ।

ମୁଁ ହଉ ବୋଲି କହି ହୋଟେଲକୁ ଫେରି ଶଯ୍ୟା ଗ୍ରହଣ କଲି ।

—※—

ଦ୍ୱିତୀୟ ସନ୍ଧ୍ୟା

ସନ୍ଧ୍ୟାକୁ ଯାଇ ପହଞ୍ଚିଲି । ସେହି ପରି ଆଦର ଓ ଯତ୍ନ । ଆଜି ଖିର୍ସା, ଖେଚେଡ଼ି, ଶାଗ, ଆମ୍ବିଳ, ଚାରି ପ୍ରକାର ଭଜା । ମନବୋଧ କରି ଖାଇଲି । ପୁଣି ଆସି ଦାଣ୍ଡଘରେ ବସିଲୁ । ମିଆଁ ସାହେବ ପଚାରିଲେ, 'କାଲି କେଉଁ ପର୍ଯ୍ୟନ୍ତ ଯାଇଥିଲଟି'? ମୁଁ ହସି ହସି ରସିକତା କରି କହିଲି, 'ରୋହଣୀଷ ମଧ୍ୟାହ୍ନ-ଠାରୁ କିଛି ବେଶି ।' ମିଆଁ ସାହେବ-ଆପଣଙ୍କର ତ ଠିଆପାଲା ଗୀତ ଖୁବ୍ ମନେଅଛି । ହଁ ମନେ ପଡ଼ିଲା ।
ଆରମ୍ଭ କଲେ—

ତହୁଁ ଆଉ ଦିନ ଗୁରୁଟାବେଳେ ସ୍କୁଲରୁ ଫେରୁଛି । ତାଙ୍କ ଘର ଦାଣ୍ଡ କବାଟଟି ଅଳ୍ପ ମେଲା ହୋଇଗଲା । ଦେଖିଲି, ରଜନୀ ସେ କବାଟ ଫାଙ୍କରେ ମତେ ଠାରି କରି ତା ନିକଟକୁ ଡାକୁଛି । ରଙ୍କ କୋଠୀନିଧି ପାଇଲା ପରି ତା ନିକଟକୁ ଆନନ୍ଦରେ ଦୌଡ଼ିଗଲି । ସେ କବାଟ ଫାଙ୍କରେ ମୁହଁ ବଢ଼ାଇ

Digitized by srujanika@gmail.com

ରଜନୀ କହିଲା, "ତୁମକୁ ସାତଥର ମୋ ରାଣ, ତୁମେ ଆଉ ଆମ ବସାକୁ ଆସିବନାହିଁ। ମାଉସୀ ବାର କଥା କରି କହୁଛନ୍ତି। ଯାଅ ଭାଇ, ମାଉସୀ ଏଣେ ଆସୁଛନ୍ତି।" ଭିତରୁ କବାଟ ଦେଲା। ମୁଁ ଆସିଲି ବାହାରି। ଶୁଖୁଆ ଖାଇ ବଗ ବୁଲିଲା ପରି ଏ ପାଖ ସେ ପାଖ ହୋଇ ହୋଇ ପନ୍ଦର ଦିନ କଟିଗଲା, ମାତ୍ର ମୁହୂର୍ତ୍ତିକ ପାଇଁ ସୁଦ୍ଧା ରଜନୀର ଦେଖା ମିଳିଲା ନାହିଁ। ଅନେକ ଥର ତାଙ୍କ ବସା ଦୁଆର ମୁହଁକୁ ଯାଏ, ସାହସ ହୁଏ ନାହିଁ। ଫେରି ଆସେ।

ବଡ଼ ଓଷା ପଡ଼ିଲା। ଦୀନୁବାବୁଙ୍କ ପିଲାଏ ଧବଳେଶ୍ୱର ଯିବାକୁ ବାହାରିଲେ। ବିଶେଷ କାର୍ଯ୍ୟଯୋଗୁଁ ଦୀନୁବାବୁ ସେମାନଙ୍କ ସଙ୍ଗରେ ଯାଇ ପାରିଲେ ନାହିଁ। ମୁଁ ଯିବାର ସ୍ଥିର ହେଲା। ସେବତୀ ମାଉସୀ ଓ ରଜନୀ ସେମାନଙ୍କ ସାଙ୍ଗରେ ଯିବାକୁ ବାହାରିଲେ। ଏ କଥା ଶୁଣି ମୋ ଗୋଡ ପାଞ୍ଚ ହାତରେ ପଡ଼ିଲା। ଛାତି ଭିତରଟା ଖାଲି ପକ୍ଷିବ ଉଠିଲା। ଯିବା ବେଳ ହେଲା। ଦୀନୁବାବୁଙ୍କ ସ୍ତ୍ରୀ ଓ ପୁଅ ଝିଅ ଆସି କରି ଏକ ବଳଦିଆ ଗାଡ଼ିରେ ବସିଲେ। ସେବତୀ ମାଉସୀ ଓ ତାଙ୍କ ପଛରେ ଅବଗୁଣ୍ଠନବତୀ ରଜନୀ ଆସି କରି ଗାଡ଼ିରେ ବସିଲେ। ଗାଡିରେ ଚଢ଼ିଲାବେଳେ ଓଢ଼ଣା ତଳୁ ରଜନୀ ଗୋଟିଏ ଅର୍ଦ୍ଧମୁଦ୍ରିତ ସଲ୍ଲଜ ଦୃଷ୍ଟି ମୋ ଉପରେ ପକାଇ ଭିତରକୁ ପଶିଗଲା। ମତେ ଜଣାଗଲା, ବ୍ରହ୍ମାଣ୍ଡଯାକର ଗଞ୍ଜେଇ ଆଣି ବାଟି କରି ମତେ କିଏ ପିଆଇ ଦେଇଗଲା।

Digitized by srujanika@gmail.com

ମୋ ଦେହ ଶୀତଉଇ ଉଠିଲା ଓ ରୋମମୂଳମାନ ଟାଙ୍କୁରି ଗଲା । ମନେ ମନେ ଭାବିଲି, "ଏମାନେ ଏଡ଼େ ବଡ଼, କେହି ହେଲେ ଜଣେ ମଣେ ଗାଡ଼ିରେ ବସିବାକୁ ଡ଼ାଙ୍କୁ ନାହାନ୍ତି ।' ଗାଡ଼ି ଚାଲିଲା । ମୁଁ ମଦୁଆଙ୍କ ପରି ଗାଡ଼ି ପଛରେ ଦୋହଲି ଦୋହଲି କରି ଚାଲିଲି । ଗାଡ଼ି ଯାଇ ବଡ଼ାନାସୀ ପାଖରେ ରହିଲା । ସମସ୍ତେ ଓହ୍ଲାଇ କରି ଡ଼ଙ୍ଗାରେ ବସିଲୁ । ମଝେ ମଝେ ରଜନୀ ସମସ୍ତଙ୍କର ଆଢ଼ୁଆଳରେ ମୋ ଆଡ଼କୁ ଟିକିଏ ଅନାଇ ଦେଇ ଅଳ୍ପ ହସି ଦେଇ ମୁଣ୍ଡରେ ଭଲ କରି ଓଢଣୀ ଟାଣି ଦେଉଥାଏ । କଅଣ ଗୋଟାଏ ମୋ ପେଟ ଭିତରୁ ତଣ୍ଟି ପର୍ଯ୍ୟନ୍ତ ଉଠି ଆସି ଅଟକି ଯାଏ ।

ଧବଳେଶ୍ୱରଙ୍କ ପଠା ଲୋକାରଣ୍ୟ । ସନ୍ଧ୍ୟା ହେଲା । ଶଙ୍ଖ, ଘଣ୍ଟା ବାଜି ଉଠିଲା । କେଉଁଠାରେ କୀର୍ତ୍ତନ, କେଉଁଠାରେ ଖଞ୍ଜଣୀ ମାଡ଼ି, କେଉଁଠାରେ ବା ଭଜନର ରୋଳ ଉଠିଲା । ସମସ୍ତେ ଦର୍ଶନକୁ ବାହାରିଲୁ । ଭାରି ଭିଡ଼ । ଏହି ସମୟରେ ଗୋଟିଏ ମାହେନ୍ଦ୍ର ଯୋଗ ପଡ଼ିଗଲା । ଭିଡ଼ରେ ଠେଲି ହୋଇ ରଜନୀ ଆସି ମୋ ଦେହରେ ଲାଗିଗଲା । ଅସ୍ପଷ୍ଟ ଦୀପାଲୋକରେ ଚାରିଆଡ଼ ଭଲକରି ଦେଖାଯାଉ ନଥାଏ । ମୁଁ ରଜନୀକୁ କୁଣ୍ଢାଇ ପକାଇଲି । କେତେବେଳେ ଓ କପରି ଭାବରେ ରଜନୀର ସେ ରଙ୍ଗ ଟହଟହ କଅଁଳିଆ ଓଠ ଦୁଇଟି, ମୋର ଚିରତୃଷିତ ଓଠ ସଙ୍ଗରେ ଲାଗିଗଲା ଓ ପୁଣି କେତେବେଳେ ସେ ବଛିଲା

Digitized by srujanika@gmail.com

ହୋଇଗଲା, ତାହା ମୁଁ ଜାଣିକରି ସୁଦ୍ଧା ଜାଣିପାରିଲି ନାହିଁ । ମୋର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗ ଯେପରିକି ପୁରିକରି ଫାଟି ଯିବାକୁ ବସିଲା । ରଜନୀ ହଠାତ୍ ମୋ ଆଲିଙ୍ଗନରୁ ମୁକ୍ତ ହୋଇ ଯାଇକରି ସେମାନଙ୍କ ସାଙ୍ଗରେ ମିଶିଗଲା । ତାପରେ ଠାକୁର ଦର୍ଶନ । ଠାକୁରଙ୍କ କଳା କି ଗୋରା, କିଛି ଦେଖି ପାରିଲି ନାହିଁ । ଦର୍ଶନ ପରେ ସମସ୍ତେ ଆସି ଆଠଗଡ଼ ରାଜାଙ୍କର କୋଠାର ଗୋଟିଏ ବଖରାରେ ରହିଲୁ । ପ୍ରସାଦ ସେବା ପରେ ସମସ୍ତେ ଶୋଇଲୁ । କାନ୍ଥ ପାଖକୁ ଲାଗିକରି ରଜନୀ, ତା ପାଖକୁ ମାଉସୀ, ତା ପାଖକୁ ଦୀନୁବାବୁଙ୍କ ସ୍ତ୍ରୀ, ତା ପାଖକୁ ତାଙ୍କ ଝିଅ ପୁଅ, ସଭି ଶେଷକୁ ଦୁଆର-ମୁହଁକୁ ମୁଁ । ରଜନୀ ସଙ୍ଗରେ ଏକା ଘରେ ଶୟନ ! ମୋ ମନ ଭିତରେ ଯେ କି ଅସମ୍ଭାଳ ଝଡ଼ ବହୁଥାଏ, କଅଣ କହିବ ? ମନେ କଲି, ରୂପ କଥାର ରୂପାବେଙ୍ଗ ଓ ସୁନାବେଙ୍ଗ କିଏ ଆଣି ମତେ ଦିଅନ୍ତା କି, ରୂପାବେଙ୍ଗ ଛୁଆଁଇ ଦେଇ ସମସ୍ତଙ୍କୁ ଅଚେତନ କରି ପକାଇ ଦେଇ, ଯାଇକରି ରଜନୀ ପାଖରେ ଶୋଇପଡ଼ି ରାତିଟି କଟାଇ ନିଅନ୍ତି ? ସେବଗା ମାଉସୀ ଅଲକ୍ଷଣୀ ଆଖିକୁ ଜମା ନିଦ ମାଡ଼ିଲା ନାହିଁ । ଦୀନୁବାବୁଙ୍କ ସ୍ତ୍ରୀଙ୍କ ସଙ୍ଗରେ କେତେ ସୁଖଦୁଃଖ ଗପ ଆରମ୍ଭ କଲା । ମନ ହେଉଥାଏ, ସତ୍ୟାନାଶୀକୁ ଦଫାଲ କରି ଟିରି ନଈକୁ ପକାଇ ଦିଅନ୍ତି, ସବୁ ଜଞ୍ଜାଳ ତୁଟିଯାଆନ୍ତା । "ମନ୍ତ୍ରୌଷଧି ଦୁର୍ଦ୍ଧର୍ଷ" ସାପପରି ମୁହଁ ମାଡିକରି ପଡିଥାଏ । ପାହାନ୍ତିଆ ବେଳକୁ ସମସ୍ତେ ଶୋଇଲେ । ମୋ ଆଖି କଷା ହେଲା ନାହିଁ ।

Digitized by srujanika@gmail.com

ବୋଧହୁଏ କାନ୍ଥ କଡ଼କୁ ଯେ ଶୋଇଛି ତା ଅବସ୍ଥା ମଧ୍ୟ ମୋ ପରି, କାରଣ ମଧ୍ୟେ ମଧ୍ୟେ କ୍ଷୀଣ କଣ୍ଠର ଖଣ୍ଡି କାଶ ଶୁଣାଯାଉ ଥାଏ । କେତେ ଥର ଉଠିକରି ବସିଲି । ମନେକଲି ଗୋଡ଼ ଟିପିଟିପି ଯାଇକରି ରଜନୀକୁ ଉଠାଇ ସମସ୍ତଙ୍କର ଅଜ୍ଞାତରେ ନିକଟବର୍ତ୍ତୀ ଅଠଗଡ଼ ଜଙ୍ଗଲକୁ ପଳାଇ, କୌଣସି ଶବରପଲ୍ଲୀରେ ରଜନୀକୁ ନେଇ ସୁଖରେ ରହିବି । ମାତ୍ର ସାହାସ ପାଇଲି ନାହିଁ । ସକାଳ ହେଲା, ସମସ୍ତେ କଟକ ଫେରିଲେ । ମଧ୍ୟେ ମଧ୍ୟେ ଆମ୍ଭ ଦୁହିଙ୍କର ଦୃଷ୍ଟି ବିନିମୟ ଛଡ଼ା ବାଟରେ ଅନ୍ୟ କୌଣସି ଉଲ୍ଲେଖ-ଯୋଗ୍ୟ ଘଟଣା ଘଟି ନ ଥିଲା । ଗାଡ଼ିରୁ ଓହ୍ଲାଇ ଧୀରୁବାବୁଙ୍କ ପିଲାଏ ତାଙ୍କ ବସାକୁ ଗଲେ । ରଜନୀ ଓ ମାଉସୀ, ତାଙ୍କ ବସାକୁ ଗଲେ । ଅବଶ୍ୟ ରଜନୀ ଯିବାବେଳେ ମାଉସୀଙ୍କର ପରୋକ୍ଷରେ ମୋ ଆଡ଼କୁ ଥରେ ମାତ୍ର ଅନାଇ ଆଖିରେ ଆଖିରେ ବିଦାୟ ମାଗିଥିଲା । ମନ ହେଉଥାଏ, ରଜନୀର ଅଲକ୍ତା ରଞ୍ଜିତ ସେ କୁନି ପାଦ ଦିଓଟିକୁ ଧରି ଉତ୍କଳ-ଗୌରବ ଜୟଦେବଙ୍କ ଭାଷାରେ "ଦେହି ପଦପଲ୍ଲବ ମୁଦାରଂ" କହି ତଳେ ଲୋଟି ଯାଆନ୍ତି ।

ଏହାପରେ ଗ୍ରୀଷ୍ମର ପାଞ୍ଚଦିନ ଗଲା । ଏଥି ମଧ୍ୟରେ ମୁଁ ସ୍କୁଲକୁ ଯିବାବେଳେ ଓ ସେଠାରୁ ଫେରିଲା ବେଳେ, ବୁଲିବାକୁ ଯିବା ଆସିବା ବେଳେ ରଜନୀଙ୍କ ଘରଆଡ଼କୁ ସତର୍କ ଭାବରେ ଅନାଏ; ମାତ୍ର ମୁହୂର୍ତ୍ତିକ ପାଇଁ ସୁଦ୍ଧା ଦର୍ଶନଲାଭ କରେ ନାହିଁ । ତାର ଅଦର୍ଶନରେ ମୋ କଥା

ବଦଳେଇଗଲା । ଖାଇବାକୁ ଇଚ୍ଛା ହେଉନାହିଁ, ରାତରେ ନିଦ ହେଉନାହିଁ, କୌଣସି କାର୍ଯ୍ୟରେ ସ୍ପୃହା ରହୁନାହିଁ । ଅନେକ ଭାବ ଚିନ୍ତା ପରେ ଖଣ୍ଡିଏ ଚିଠି ଲେଖିଲି ।

ରାତ ଦୁଇଟା

ପ୍ରାଣର ରଜନୀ !

କଅଣ ଲେଖିବି ? ଧବଳେଶ୍ୱରଙ୍କଠାରୁ ଫେରିଲା ଦିନୁ ତୁମକୁ ସବୁବେଳେ ଝୁରି ଝୁରି ମୋର କଣ୍ଠା ରହୁଲାଣି । ଏପରି ହେଲେ ମୁଁ ଆଉ ବହୁତ ଦିନ ବଞ୍ଚି ରହି ପାରିବି ନାହିଁ । କଅଣ କରିବି, ମତେ ବୁଦ୍ଧି ଦିଅ, ତୁମ ବସା ବାଟେ ଗଲାବେଳେ ତୁମ ପଞ୍ଜରିଆଡ଼କୁ କେତେ ବିକଳ ହୋଇ ଅନାଏ, ମାତ୍ର ଥରକପାଇଁ ସୁଦ୍ଧା ତୁମ ଦେଖା ପାଏ ନାହିଁ । ତୁମେ କଅଣ ମୋ ଉପରେ ରାଗିଛ କି ? ସେଦିନ ଧବଳେଶ୍ୱରଙ୍କ ଦେଉଳ କଥା କଅଣ ପାଶୋରି ପକାଇଲ ? ମାତ୍ର ସେହି କଥା ମୋର ଦିନରାତ ଜପାମାଳି ହୋଇଛି । ତେବେ ମୁଁ ବହୁତ ଭାବ ଚିନ୍ତା ଗୋଟିଏ କଥା ଠିକ୍ କରିଛି । ଶୁଣ ! ଏହି ଆସନ୍ତା ଗୁରୁବାର ଦିନ ରାତ ଗୋଟାଏ ବେଳେ ତୁମେ ସନ୍ତରେ ଖସି ଆସି, ଦାଣ୍ଡ ପିଣ୍ଡାରେ ଠିଆ ହୋଇଥିବ । ମୁଁ ଅପେକ୍ଷା କରିଥିବି, ତୁମକୁ ସାଙ୍ଗରେ ନେଇ ଦେଶାନ୍ତର ହେବି । ମୃତ୍ୟୁଛଡ଼ା ଆମ ଦୁହିଁଙ୍କି ଆଉ କେହି ଅଲଗା କରି ପାରିବ ନାହିଁ । ସେଦିନ ତୁମକୁ ସଂଯୁକ୍ତାଙ୍କ କଥା କହୁଥିଲି । ସେ ନିଜର ପ୍ରେମ ପାଇଁ କଅଣ ନ କରିଛନ୍ତି

ତୁମେ କଅଣ ଏତକ କର ପାରିବ ନାହିଁ ? ନିଶ୍ଚୟ ପାରିବ । ଏହାର ଉତ୍ତର ଶୀଘ୍ର ଦେବ । ମୁଁ ଗୁଡକ ଧର ଅନାଇ ବସିଛି । ଅଧିକ କଅଣ ବା ଲେଖିବି ? ମୋ ଜୀବନ ତୁମ ହାତରେ ବୋଲି ଜାଣିବ । ଆଜି କେତେ କଥା ଲେଖିବି ବୋଲି ମନେ କରିଥିଲି । ଥାଉ । ମୋ ରାଣ, ଶୀଘ୍ର ଉତ୍ତର ଦେବ । ମୋ ରାଣ, ମୋ ରାଣ, ମୋ ରାଣ ।

ତୁମ୍ଭର
ମାଷ୍ଟରେ ।

ଚିଠି ଖନା ଲେଖିଲି, ମାତ୍ର ପଠାଇବି କାହା ହାତରେ ? ଭାବି ଚିନ୍ତି ସକାଳୁ ଦୀନୁବାବୁଙ୍କ ଝିଅ, ମୋର ଶିଷ୍ୟା ସବିତାକୁ ପାଖକୁ ଡାକି କରି ପଚାରିଲି—ସବି, ତୁ ଦାମବାବୁଙ୍କ ବସାକୁ ଯାଉଁ ?

ସବିତା—ହଁ ପ୍ରତିଦିନ ଯାଏ । ସବୁଦିନେ ପିବାକୁ ଧର ରଜନୀ ଅପା ବସି ପଢାନ୍ତି । ମାଷ୍ଟରେ ! ରଜନୀ ଅପାଠା ଲାଗି ଗେଲପସି । ଖାଲି ଆପଣଙ୍କ କଥା ସବୁବେଳେ ଗୁଡ଼େଇ ତୁଡ଼େଇ କରି ପଚାରିବ । ମାଷ୍ଟରେ କଅଣ ଖାଆନ୍ତି, କେଉଁଠାରେ ଶୁଅନ୍ତି, କଅଣ ସବୁ କରନ୍ତି । ଆଉ କିଛି କଥା ନାହିଁ, ସବୁବେଳେ ଖାଲି ଏଇ କଥା । ମତେ ଭାରି ବିରକ୍ତ ଲାଗେ ।

ମୁଁ—ଅଚ୍ଛା ସବି ! ମୋର ଗୋଟିଏ ବୋଲ କରିବୁ ?

ସବିତା—ନିଶ୍ଚେ କରିବି ।

Digitized by srujanika@gmail.com

ମୁଁ—ମୋ ଗ୍ରଣ ପକାଇଲ, କାହାର ଆଗରେ ତ କହୁବୁ ନାହିଁ ।

ସବ—ଆପଣ ଗ୍ରଣ ପକାଉଛନ୍ତି । କାହା ଆଗରେ କହିଁ କହିବ ମ !

ମୁଁ—ଏ ଚିଠି ଖଣ୍ଡିକ ନେ କ, ତୋ ରଜନୀ ଅପାକୁ ଲୁଚାଇ କରି ଦେବୁ । ଦେଖେ ! କେହି ଯେପରି ନ ଦେଖିବେ । ଦେଖେ, ଏ ଚିଠି କଥା ଆଉ କାହା ଆଗରେ କହିବୁ ନାହିଁଟି ।

ସବିତା ଚିଠିଖଣ୍ଡିକ ମୋଠାରୁ ନେଇ, ନାହି ମୁଣ୍ଡାରେ ଖୋଷି, ଲୁଗା ସଜାଡ଼ିକରି ଦିନ୍ଧ, ଦୂତୀ କାର୍ଯ୍ୟରେ ବାହାରି-ଗଲା । ମୁଁ କାକୁସ୍ଥ ହୋଇ ସେହିଠାରେ ବସି ରହିଲି । ଘଣ୍ଟା ଏର ଉଠୁଆଏ । ଦଶ ପନ୍ଦର ମିନଟ ପରେ ସବିତା ହସହସ ମୁହଁରେ ଫେରି ଆସିଲା ।

ମୁଁ—ଦେଲୁ ?

ସବିତା—ହଁ ଦେଲି ।

ମୁଁ—ଆଉଛ କେହି ଦେଖି ନାହିଁ ?

ସବିତା—ନା, ରଜନୀ ଅପା ଦାଣ୍ଡ ଘର ଓଳାଉଥିଲେ । ଆଉ କେହି ନଥିଲେ । ମୁଁ ସୂନରେ ତାଙ୍କ ହାତକୁ ଚିଠି ଖଣ୍ଡିକ ଦେଇ କହିଲି, " ମାଷ୍ଟରେ ଦେଇଛନ୍ତି । ପଢିସାରି, ଜବାବ ଲେଖିକରି ଲୁଚାଇ କରି ମୋ ହାତରେ ଦେବୁ । ଦେଖେ, ମୋ ମୁଣ୍ଡ ଖାଉଛି, ଆଉ କାହା ଆଗରେ କହିବୁ

Digitized by srujanika@gmail.com

କହୁବୁ ନାହିଁ । ମାଷ୍ଟରେ ମନା କରିଛନ୍ତି । ରଜନୀ ଅପା ମୋ ହାତରୁ ଗୋଟି ଖଣ୍ଡିକ ନେଇ ଅଣ୍ଟାରେ ଖୋଷି ଦେଇ ଭିତର ଖଣ୍ଡାକୁ ଠିକ୍‌ଏ ଅନାଇ କରି ଅସି ମତେ କହିଲେ, 'ତୁପା, ତୁମ ମାଷ୍ଟରଙ୍କୁ କହିବୁ ସେ ଭାରି ଦୁଷ୍ଟ । ଏଥର ବେଳର ମୁଁ କାଲି ଦେବ କହି ଦେବୁ' । ମୁଁ କହିଲି ଆମ ମାଷ୍ଟରେ କାହିଁକି ଦୁଷ୍ଟ ହେବେ । ତୁଁଇ ଦୁଷ୍ଟ । ଅସିଲି ।"

ନେପଥ୍ୟେ—ଆଜିତ କିଛି ଦେଖାଉ ନାହିଁ । ଖାଲି ଏଇଗୁଡାକ ଗପ ଚାଲିଛି ।

ଅଲକ୍ଷ୍ମୀ ଦୟା ହେବାର ଦେଖି ହୋଟେଲକୁ ବାହା-ରିଲେ । ରଜଆବେଗମ ସେ ଘର ଭିତରକୁ ଆସି ମିନତି ମିଶା ସ୍ୱରରେ କହିଲେ "ଆପଣ କାଲି ସ୍ତରରେ ବ ଆମ ବସାରେ ଖାଇବେ ।"

ମୁଁ—ଦିନେ ଦିଦିନ ସିନା ଖାଇଦେଲି । ସବୁ ଦିନେ ନଗ୍ଣ୍ଟାଏ— ।

ରଜଆବେଗମଙ୍କ ଆଖି ଅଦ୍ର ହୋଇ ଉଠିଲା, କହିଲେ—"ଆପଣ ବୋଧହୁଏ ଜାଣି ପାରୁ ନାହାନ୍ତି ଯେ ଆପଣଙ୍କର ଚର୍ଚ୍ଚା କରି ଆମେ ଦୁହେଁ କି ଆନନ୍ଦ ପାଉ ? ଆପଣ ତ ଭାଇ ବନ୍ଧୁ କୁଟୁମ୍ବ ଛାଡ଼ି ଚିରକାଳପାଇଁ ଦେଶାନ୍ତର ହୋଇ ଯାଉଛନ୍ତି ? କୁଆଡ଼େ ବୁଝିବେ ?

Digitized by srujanika@gmail.com

ମାନ୍ଦ୍ରାଜରେ ଯେତେ ଦିନ ରହିବ ସବୁ ଭୋଜନଟା ସେହିଠାରେ ହେବ ବୋଲି ଜବାବ ଦେଇ ହୋଟେଲକୁ ଫେରିଲି ।

ତୃତୀୟ ସନ୍ଧ୍ୟା

ସନ୍ଧ୍ୟାକୁ ମିଆଁସାହେବଙ୍କ ବସାରେ ପହଞ୍ଚିକରି ଖାଇଲି । ଆଜି ଜୀରା ବଘରା ଦହିପଖାଳ । ସଜନା ଛୁଇଁ ଓ କଣି ବାଇଗଣ ମରିଚପାଣି, ଅନେକ ପ୍ରକାର ଭଜାଭଜି । ଖରାଦିନ ରାତି । ବଡ ତୃପ୍ତି ଲାଗିଲା । ଆତ୍ମାସନ୍ତୋଷ ହୋଇଗଲା । ଖାଇକରି ଦାଣ୍ଡ ଘରେ ବସିଲୁ ।

ମୁଁ—ହଁ, ଉତ୍ତର ଫେର୍ କେଉଁଦିନ ମିଳିବ ?

ମିଆଁସାହେବ—"ଆପଣ ତ ଖୁବ୍ ମନେ ରଖିଛନ୍ତି", ବୋଲି କହି ଆରମ୍ଭ କଲେ :—

ଗୃତକ ପରି ଗୃହିଁବସିଥାଏ । କେତେଥର ସବିତାକୁ ପଗ୍ରରେ ସେ କହେ, "କାଲି ନିଶ୍ଚେ ଦେବ ବୋଲି କହୁଛି । ଭାରି ଅଲସେଇଟାଏ ।" ଦିନେ ସନ୍ଧ୍ୟାବେଳେ ସବିତା ହସ ହସ ମୁହଁରେ ମୋ ପାଖରେ ପହଞ୍ଚି ନିଜର ଖୋପଣୀରୁ ଶଠି ଖଣ୍ଡିକ ବାହାର କରି ମତେ ଦେଲା ଓ କହିଲା "ମାଷ୍ଟରେ ! ଆଜି କଅଣ ଦେଉଥିଲା କି ? ମୁ ଏକାଧୁମ୍ ଲଗାଉବାକୁ

Digitized by srujanika@gmail.com

କେତେ ସନ୍ଧରୁ ବାହାର କରିଦେଲା । ଆଗରୁ ଲେଖି ଲୁଚାଇ କରି ରଖିଥିଲା ।” କହିଲା,“ଦେଲୁତ ଏତେ ଗୋପରି ହେଉଥିଲୁ କାହିଁକି ?” ସେ କହିଲା,“ଡରିଡରି ହୋଇ ଲେଖି ଦେଇଛି । ଭଲ କାଗଜ ଖଣ୍ଡିକରେ ଲେଖି କରି, ଦେଇ ଥାଆନ୍ତି, ମାତ୍ର ତୁ ତ ଏଡ଼େ କଣ୍ଟାଳ କଲୁଣି, ନେ ଯା ।” ସରିତା ଚାଲିଗଲା । ଚିଠି ଖଣ୍ଡିକ ଖଣ୍ଡିଏ ଖାତା ଭିତରେ ପୂରାଇ ଦେଲି । ଛାତିଟା ଉଠୁଥାଏ, ପଡ଼ୁଥାଏ ।

ପ୍ରାଣର ଦେବତା

ମୋର ନମସ୍କାର ଗ୍ରହଣ କରିବେ । ତୁମ ଚିଠି ପଢିଲି । ମନ ଯାହା ହେଲା କଅଣବା ଲେଖିବି ? ଧବଳେଶ୍ୱରଠା କଥା ତୁମେ ଭୁଲି ଯାଇ ପାର; ମାତ୍ର ମୁଁ ଭୁଲିବି କିଆଁ ? ପ୍ରକୃତରେ ତୁମେ ଭାରି ବଡ଼ ଗଲଣି । ମୁଁ ପ୍ରତିଦିନ ପଞ୍ଜିର ପ୍ରାନ୍ତରେ ଦେଖୁଛି । ସବୁବେଳେ ଏତେ ଚିନ୍ତା କାହିଁକି କରୁଛ ? ମୋ ଘରି ଲକ୍ଷ୍ମୀ କନ୍ୟା ତୁମକୁ ମିଳିବେ । ତୁମେ ଘର ଛାଡ଼ି ପଳାଇ ଯିବା କଥା ଲେଖିଛ । ମାତ୍ର ମୋର ଜମାରୁ ସାହସ ହେଉନାହିଁ । ମୁଁ ପିଲାଟାଏ, ତୁମକୁ କଅଣ ବୁଦ୍ଧି ବତାଇବି ? ତେବେ ଗୋଟିଏ କଥା କର । ମୋ ବାପ ଧନୁଭଙ୍ଗ ପଣ କରିଛନ୍ତି । ଶରତ ଲୋକ । ପାଖରେ ତାଙ୍କର ଗୋଟିଏ ପଇସା ନାହିଁ । ଆମର ଏ ବସା ସୁବାହାର୍ଓ ପାଖରେ ବନ୍ଧା ପଡ଼ିଛି । ପାଞ୍ଚ ଶହ ଟଙ୍କା ହେଲେ ମୁକୁଳିବ । ଯେ ଏହି ପାଞ୍ଚ ଶହ ଟଙ୍କା ଦେବ, ସେ ମତେ ବିଭାହେବ । ଏହି

Digitized by srujanika@gmail.com

ଟଙ୍କା ଯୋଗୁଁ ମୋ ବାପଘରର ସମ୍ବନ୍ଧ କେତେଠାରେ ଭାଙ୍ଗି ଗଲାଣି । ତୁମେ ମୋ ମୁଣ୍ଡ ସାତଟର କରି ଖାଅ । ଏ ପାଞ୍ଚ ଶହ ଟଙ୍କା ଧାରଉଦ୍ଧାର କରି କେଉଁଠାରୁ ସଜାଳ କର । ଚଞ୍ଚଳ କରିବ, ହେଳା କରିବ ନାହିଁ । ଆଉ ଗୋଟିଏ କଥା ଶୁଣ । ଛାପାଖାନା ଆଗ ଗଳିରେ ଠୁକମା ଗଉଡୁଣୀର ଘର । ସେ ମାଉସୀର ଭାରି ବିଶ୍ୱାସୀ ଲୋକ । ତାକୁ ହାତ କରି ମୋ ସାଙ୍ଗରେ ବିବାହ କରିବା କଥା ନେଇ ମାଉସୀ ପାଖକୁ ପଠାଇବ । ମାଉସୀ ଯାହା କହିବ, ବାପାଙ୍କଠାରେ କିଛି ନାହିଁ । ଠୁକମା ମାଉସୀକୁ କହିଲେ ଓ ଏ ପାଞ୍ଚଶହ ଟଙ୍କା ପାଇଲେ, ମାଉସୀ ଖୁସିରେ ରାଜି ହେବ । ତୁମକୁ ମୋ ରାଣ, ଟଙ୍କା ସଜାଳ କର । ତୁମେ ହେଳା କଲେ, ମୁଁ ଜହର ଖାଇ ପ୍ରାଣ ହରାଇବି । ଦେଖ, ଆଉ କାହା ହାତରେ ଚିଠି ଦେବ ନାହିଁ, ସବୁତ ପିଲାଲୋକ । ନାହିଁ ନାହିଁ ମାଉସୀ ଯଦି ଏ କଥାର ଗନ୍ଧ ପାଏ, ତେବେ ମତେ ଠିଆ ଠିଆ ଦଫାଲ କରି ଚିରି ଦେବ । ନିର୍ଘୁମ ଖଣ୍ଡାଖାଇ ରାହାବାଳୀ ସେ । ମୋର ସବୁ ଦୋଷ କ୍ଷମା କରିବ ।

ତୁମର

ମୁଁ

ଚିଠି ଖଣ୍ଡିକ ପଢ଼ି, ଦୀନୁବାବୁଙ୍କ ଘରୁ ନିର୍ମାଲ୍ୟ କଣିକାଏ ଆଣି ମୋ ଟ୍ରଙ୍କରୁ ପାଞ୍ଚଟଙ୍କା ବାହାର କରି ଧାଇଁଲି ଠୁକମା ଘରକୁ । ବୁଢ଼ୀ ପିଣ୍ଡାରେ ବସିଥିଲା । କୁଆଡ଼େ ଅଇଲୁ ବୋଲି ପଚାରିଲା । ମୁଁ ନିର୍ମାଲ୍ୟତକ ବୁଢ଼ୀ ହାତରେ ଦେଇ

Digitized by srujanika@gmail.com

କହିଲି, "ମୁଁ ପିଲାହିଦିନୁ ମାଛେଉଣ୍ଡ, ତୁମେ ଆଜିଠାରୁ ମୋର ଧର୍ମ ମା ହେଲ । ଏ ଟଙ୍କା ଧର ।" ବୁଢ଼ୀ ଟଙ୍କା ଧରିଲା; ମାତ୍ର କିଛି ବୁଝି ନପାରି ମୋ ମୁହଁକୁ ଅନାଇଲା । ମୁଁ କହିଲି, ତୁମେ ତ ଆଜିଠାରୁ ମୋର ଧର୍ମର ମା ହେଲ । ତୁମ ପାଖରେ ଆଉ କପଟ କରିବି କଅଣ ? ଦାମ ବାବୁଙ୍କ ଝିଅ ରଜନୀ କଥା । ମୋ ବିଷୟରେ ବୁଝନ୍ତୁ କି ? ମୁଁ ଜବାବ ପାଇଲେ ଏହି ଦୁଇ ତିନି ଦିନ ମଧ୍ୟରେ ପାଞ୍ଚ ଶହ ଟଙ୍କା ଠିକ୍ କରି ଆଣି ଦେବି ।

ବୁଢ଼ୀ—ତୁ ଅଲ୍ପେ ! ଏହିଁ କଥାକୁ ଏପରି ବୈଗୁଣ୍ୟ ହେଉଛୁ । ଦେ କଉଡ଼ି ଖା ପିଠା, ଏଥିପାଇଁ କିଆଁ ଦାନ୍ତ ନିକୁଟା । ଭଲ ହେବ, ପୁଅ । ପ୍ରକୃତରେ ତୋ ଲାଖି କନ୍ୟା, ସେ । ଭାଇ ଭଉଣୀ ପରି ଦିଶିବ । ଆଗରୁ କେତେ ଭଲ ଲୋକ ବାହାଘର ସମ୍ବନ୍ଧ ନେଇ ଆସିଥିଲେ । ଏହି ଟଙ୍କା କଥା ଶୁଣି ଦୁରୁଡ଼ କରି ପଳାଇଲେ । ଦାମବାବୁ ଠେଇଁ କଅଣ ଅଛି ? ଗୁଲିଖୋରଟାଏ । ସବୁ ସେବତୀ ଅପାହାତରେ । ମୋ କଥାକୁ ସେ ତଳେ ପକାଇବ ନାହିଁ । ତୁ ତ ଟଙ୍କା ଦେଇ ସୁବାଗୁଓଠାରୁ ବସା ମୁକୁଲାଇ ଅଣିବୁ । ଆଉ କେଉଁ କଥାରେ ଆପତ୍ତି କରିବ ସେ । ନେ, ଏ ଟଙ୍କା ରଖ । ତୁ ମୋ ହାତରେ ମହାପ୍ରସାଦ ହେଲୁ । ମୁଁ ତୋଠୁଁ ଟଙ୍କା ରଖିବି ? ଛି ପୁଅ, ଆର ଜନ୍ମରେ କଅଣ କରିଥିଲି ଯେ, ଏ ଜନ୍ମରେ ଏ ଅନଭୋଗ କରୁଛି । ମୁଁ ଏହି ସାଙ୍ଗେ ସାଙ୍ଗେ ମୋ ହେଉଛି କଥାଟା ପକା କରି ଦେଇ ଆସିବି । ଆଖି ବୁଜି

ଟଙ୍କା ସଜିଲ କର, ବାହ୍ୟାଘର କଥା ମୋ ହାତରେ । ଯା, ବସାକୁ ଯା । ମୁଁ ଗୋଡେ ଗୋଡେ ବାହାରିଲି ବୋଲି ଜାଣ ।

ମୁଁ ବସାକୁ ଫେରି ଦାଣ୍ଡ ପଞ୍ଚର ପାଖରେ ବସିକରି ଅନାଇ ଥାଏ । ବୁଢ଼ୀ ତାଙ୍କ ବସା ଆଡ଼େ ଗଲା । ମୁଁ କାଳୀଙ୍କୁ ଟଙ୍କାକର ଭୋଗ ଓ ଧବଳେଶ୍ୱରଙ୍କୁ ଟଙ୍କାକର ଭୋଗ ମାନସିକ କରି ବସି ରହିଲି । ଛାତିଟା ଦୁଲୁଦୁଲୁ ହୋଇ କମ୍ପୁଥାଏ । ବୁଢ଼ୀ ଫେରିବାରେ ବିଳମ୍ବ ହେଲା । ମନରେ ପାପ ଛୁଇଁଲା ! "ପୁଣି ବିଳମ୍ବେ କାର୍ଯ୍ୟ ସିଦ୍ଧି", ମହାବାକ୍ୟ ମନରେ ଗୁଣି ହମ୍ ପଗଡଲି । କେତେବେଳେକେ ବୁଢ଼ୀ ବାହୁଡଲା । ମୁଁ ପୋଷା କୁକୁର ପରି ତା ପଛେ ପଛେ ଗୋଡ଼ାଇ କରି ଯାଇ ଖଟେଡ଼ଦମ୍ ତା ଦସାରେ ପହଞ୍ଚିଲି । ବୁଢ଼ୀ ମତେ ଦେଖି ହସ ହସ ମୁହଁରେ ନିଜର ଦଉଡ଼ମା ଦେଖାଇ କରି କହିଲା—ବୁଝିଲ ନା ପୁଅ ! ମୁଁ କେଉଁ ଦନ ମରିବି ସିନା ଜାଣେ ନାହିଁ, ନୋହିଲେ ମତେ ସବୁ କଥା ଜଣା । ସେ ଦାମା ମୋହରିରଟା ଘରେ ନଥିଲା । ସେ ଛତରଟାକୁ ଦେଖିଲେ ମୋ ହାଡ଼ ଜଳେ । ସେବତୀ ଅପା ପାଖରେ ବସି ସବୁ କଥା କହିଲି । ମୁଁ ପର ଅଗରୁ କହୁଥିଲି, ସେ କଅଣ ମୋ କଥାରୁ ବାହାରି ଯିବ ସେ ବ ପୁଅ, ତୋ ଉପରେ ଭାରି ପରସନ । କହିଲା ପର, "ଭାରି ସୁଧାର ପିଲାଟିଏ ।" ତୁ କୁଆଡ଼େ କେଉଁ ଦନ ତାଙ୍କ ଘରକୁ ଯାଇ

Digitized by srujanika@gmail.com

ଥିଲ୍ଲ ଯେ, ଛୋଟେ ମୁହଁ ଶୁଖାଇକରି କଣ ପଦେ କହୁଦେଲ୍ଲ ।”

ମୁଁ ଏ ଦୀର୍ଘ ଭୂମିକା ଶୁଣି ମନେ ମନେ ବଡ଼ ବିରକ୍ତ ଓ ଅସମ୍ଭାଳ ହେଲି; ମାତ୍ର ତା ମୁହଁଉପରେ କିଛୁ କହୁ ପାରିଲି ନାହିଁ । ବୁଢ଼ୀ ମୋ କାନ ପାଖକୁ ତା ମୁହଁ ଲଗାଇ ଚୁନି ଚୁନି କରି କହୁଲ୍ଲ—ବୁଝିଲ୍ଲ ନା ପୁଅ ! ରଜନୀଟି ଆସି ବଢ଼ି କରି ରହୁଲଣି । ବ୍ରାହ୍ମଣ ଘର ହୋଲି କଥାଟାକୁ ପଦାରେ ପ୍ରଘଟ କରି ନାହାନ୍ତି । ସେହୁ ଯୋଗୁଁ ଅଭିଆଡୀ ଝିଅଟାକୁ ଛୋ ସାଙ୍ଗରେ ବସ ଉଠ କରିବାକୁ ମନାକଲ୍ଲ । କଥାଟା ପକାଇବ ହେଇ ଅସିଛୁ । ଅସନ୍ତା ମଗୁଣୀର ମାହରେ ବାହାଘର ହେବ । ତୁପା ଟଙ୍କା ଘେନିକରି ଅସିବୁ, ଗୋଟାଏ ଭଲଦିନ ଦେଖି କାଳୀଙ୍କ ଦେଉଳରେ ମାଳୀଟେକା କରି ଦେବା । ଏ କଥା ଶୁଣି ମୋ ପେଟଭିତରେ ଆନନ୍ଦଗୁଡାକ ଖାଲି ହାବୁକା ମାରି ଉଠିଲ୍ଲ । କହୁଲି—“ମୁଁ କାଲି ସକାଳୁ ଆମଗାଁକୁ ଯାଉଛୁ । ଏହୁ ଚାରି ଆଠଦିନେ ଟଙ୍କା ଘେନି ପହଞ୍ଚିବ । ତୁମେ ଯାଇଁ ସେବତୀ ମାଉସୀଙ୍କୁ କହୁ ଦେଇ ଅସିବ ।”

ବସାକୁ ଫେରିଲ୍ଲ । ଆଠଦିନ ଛୁଟି ପାଇଁ ଦରଖାସ୍ତ ଲେଖି ଦୀନୁବାବୁଙ୍କ ଜମା ଦେଇଗଲ୍ଲ । ସକାଳୁ ଉଠି ଗାଁକୁ ଗଲ୍ଲ । ଡାକଘରେ ଦୁଇଶହ ଛଅଶ ଟଙ୍କା ଜମା କରିଛୁ । ବାଙ୍କ କନ୍ୟା ସୁନା ଦୁଇଶହ ସତୁରି । ବଭାଘର ଖରଚ ଦୁଇଶହ ବୋଲି, ଗାଏ ଦୁଇ ପଦକୁ ଅହୁରି ଚାରିଶହ ସତୁରି

Digitized by srujanika@gmail.com

ନେଲେ । ମୋର ଏକମାତ୍ର ଭୂସମ୍ପତ୍ତି ପାଞ୍ଚଗୁଣ୍ଠ ଘରବାଗି-ଚାହ ଓ ଧାନ ଜମି ଦଶବାରଗୁଣ୍ଠ ବିକ୍ରିବ ବୋଲି କକେଇଙ୍କ ସାଙ୍ଗରେ କଥା କଲି । ବହୁତ କଷ୍ଟରେ କକେଇ ଶ୍ରହଶହ ପର୍ଯ୍ୟନ୍ତ ଗଲେ ; ନବୁ ପିଉସା ପାଞ୍ଚଶହ କଲେ । କକେଇ ପାଞ୍ଚଶହ ପଚିଶ୍ ପର୍ଯ୍ୟନ୍ତ ବଢ଼ିଲେ । ନବୁ ପିଉସା ଛଅଶହ କଲେ । ଶେଷରେ ପାଞ୍ଚଜଣଙ୍କ କଥାରେ କକେଇଙ୍କୁ ସେହି ଛଅ ଶହରେ ବିକିଲି । ଜଗତସିଂହପୁର ଯାଇ ପିଠାମ କିଣି ରେଜିଷ୍ଟ୍ରି କରି ଟଙ୍କାତକ ଧରି କଟକ ଫେରିଲି । ରଜନୀର ପ୍ରାପ୍ତି ଆଶାରେ ମୁଁ ଏପରି ବାଉଳା ହୋଇ ଯାଇଥିଲି ଯେ ସାତପୁରୁଷର ଘର ଡିହ ବିକିକରି ମଧ୍ୟ ମୋ ମନରେ ଟିକିଏ ଦୁଃଖ ହେଲା ନାହିଁ । ବରଂ ଏତେଗୁଡ଼ାଏ ଟଙ୍କା ପାଇଲି ବୋଲି ଭାରି ଖୁସି ହେଲି ।

କଟକରେ ଆସି ପହଞ୍ଚିଲା ବେଳକୁ ବେଳ ରତ ରତ ହେଉଥାଏ । ରଜନୀଙ୍କ ବସା ବାଟେ ଆସିଲି । ଦେଖିଲି, ତାଙ୍କ ଦୁଆରେ ତାଲା ପଡ଼ିଛି । ମନଟା କାହିଁକି ବଥେଇ ଉଠିଲା । ପାନୁବାବୁଙ୍କ ବସାରେ ପହଞ୍ଚିଲି । ସବତା ଦାଣ୍ଡ ଘରେ ଠିଆ ହୋଇଥିଲା । ମତେ ଦେଖିବା ମାତ୍ରେ କହିଲା—'ମାଷ୍ଟରେ ଶୁଣିଲଣି, ରଜନୀ ଅପା ବାହା ହେବ ବୋଲି ଅପୂର୍ବଦନଠାରୁ ବାଲେଶ୍ବର ଗଲାଣି । କୁଆଡ଼େ ଭାରି ବଡ଼ଲୋକ ଘର । ହେଲେ କଅଣ ହେବ, ସମସ୍ତେ କହୁଛନ୍ତି ବରଟା କୁଆଡ଼େ ନପଟ ବୁଢ଼ାଟାଏ ।' କାଲି ବାହାଘର ହୋଇଥିବ । ଗଲାବେଳେ ରଜନୀ ଅପା ମୋତେ

ବକଲ ହୋଇ କାନ୍ଦଲା, କଅଣ କହବ ? ଗଲାବେଳେ ମତେ ଘର ଭତରକୁ ଏକୁଟିଆ ଡାକ ନେଇ ମୋ ହାତ ଧର କାନ୍ଦକର କହଲା, "ସବତା ! ମାଷ୍ଟ୍ରେ ଆସିଲେ କହବୁ, ଏ ଅଲକ୍ଷଣୀକୁ ପାଣିରେ ପକାଇବେ । ଶଠି ଦେଇ ଥାଆନ୍ତ, ମାତ୍ର ସବୁବେଳେ ତ ମାଉସୀ ପାଖେ ପାଖେ ରହଲା, ବେଳ ପାଇଲ ନାହିଁ ।" ଅହା କେତେ କାନ୍ଦଲା । ମତେ ବ ଭାର କାନ୍ଦ ମାଡ଼ଲା ।

ଏକଥା ଶୁଣି ପ୍ରଥମରେ ମୁଁ ମୋ କାନକୁ ବିଶ୍ୱାସ କଲ ନାହିଁ । କଅଣ କରବ ? ପାଗଳଙ୍କପର ଝୁଲୁମା ବସାକୁ ଦୌଡ଼ଲ । ବୁଢ଼ୀ ନାଅଁ ଜଳ୍ମେଇଛି ଅଗରେ ରଙ୍ଗ ନାଅଁ ପୋଡ଼ିଥିଲା । ମତେ ଦେଖି ଦାନ୍ତ ନେଫାଇ କର କହଲା— "ପୁଅ କେତେବେଳେ ଆସିଲୁ । ପଇସା ଲୋଭରେ ସେ ଖଣ୍ଡିଆ ଛତରଖିଆ ଗୁଲିଖୋରଟା ତାରପର ଝୁଅଟାକୁ ମଝି ଦରଆକୁ ପେଲି ଦେଲା । ମୁଁ ପର ଅଗରୁ କହୁଥିଲି, ସେ ମଢ଼ନଦ୍ଧୀ ସେବତୀ ବାହ୍ମଣୀ ଭାର ଜଣେ । ମାଛକଣ୍ଡ ଚନ୍ଦ୍ରକଳା ଦେହରେ ଝୁଅଟାକୁ କଅଣ ନ କଲେ ! ବରଟାକୁ କୁଆଡ଼େ ତନକୋଡ଼ ଉପରେ, ବାଇଶି ବର୍ଷର ଭେଣ୍ଡା ପୁଅ । ହଜାରେ ଟଙ୍କା ଦେବ । ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ସୁନା ଗହଣା ଦେବ । ଅରେ, ଟଙ୍କା ସୁନାକୁ ତ ଧୋଇ ବାଟିକର ପିଇବ ନାହିଁ । ଝୁଅଟି ବକଳ ହୋଇ କେତେ ବାହୁନ କର କାନ୍ଦଲା । କଅଣ କହବ ? ତାର

Digitized by srujanika@gmail.com

ତୋଠାରେ ଭାରି ମନଥିଲା । ଅରେ ! ଝୁଙ୍କମା କଥା ଜାଣି ନାହାନ୍ତି ? ଝୁଅ ! ତୁ ଥୟ ହୋଇବ । ଦେଖିବୁ ମୁଁ ତାଠାରୁ ସାତଗୁଣ ସୁନ୍ଦରୀଆ ଝୁଅ ଆଣି ତୋତେ ବାହା କରିଦେବ । ମଙ୍ଗଳାବାଗ ମୋ ବାପ ଘର ପାଖରେ ଧନୀ ନନା ଝୁଅ ମେନକା । ଗୋଟିଏ ଶଙ୍ଖ କୁଣ୍ଢାଇ । ମାଂଛୁଙ୍କ ମ ବୋଲି କହିବ ନାହିଁ । ସାକ୍ଷାତ ଦୁର୍ଗା ପରତିମା । ମୁଁ ଏତେ ଝୁଅ ଦେଖିଛି, ତା ଦେହରେ ! କାହିଁ ସ୍ୱର୍ଣ୍ଣ ନା କାହିଁ ଚନ୍ଦ୍ରକାଂଣୀ । କାହିଁ ହାତୀ ଦାନ୍ତ, କାହିଁ ବାଉଁଷ କଣୀ । ଝୁଅ ମନରେ କିଛି କଷ୍ଟ କରନା । ଦେଖିବୁ, ଏହି ଦୁଇ ଚାରି ଦିନ ମଧ୍ୟରେ ସବୁ ଠିକ୍‌ଠାକ୍ ।

ନେପଥ୍ୟେ କଳକଳଧ୍ୱନୀ ହୋଟେଲକୁ ଫେରିଲି ।

ଚତୁର୍ଥ ସନ୍ଧ୍ୟା

ଠିକ୍ ସନ୍ଧ୍ୟାକୁ ଯାଇଁ ପହଞ୍ଚିଲି । ଅଜା ଚୁଡ଼ାଘଷା, କଦଳୀ ଚକଟା, ଧାନ୍ଦୁଅ ଖିରି ଓ ଆମ୍ବୁଲ ରାଇ । ତଣ୍ଟି ପର୍ଯ୍ୟନ୍ତ ମାରି ଦେଲି । ଦାଣ୍ଡ ଘରେ ଆସି ବସିଲୁ । ମିଆଁ ସାହେବ ଆରମ୍ଭ କଲେ :---

ସେଇଠୁ କଅଣ ହେଲା, ମୁଁ ଦହେ ଦହେ ବାହାରିଲି । କୁଆଡ଼େ ଯାଉଛି ଠିକ୍ ନାହିଁ । ମୋର ଜ୍ଞାନ ଲୋପ ପାଇ ଯାଇଥିଲା । ବାଟରେ ଗୋଟାଏ ନଇ ପଡ଼ିଲା, ଡେଇଁଗଲି !

Digitized by srujanika@gmail.com

ଟେଟେଁ ପାଣି ହେଲା, ଲୁଗାପଟା ତିନ୍ତି ଗଲା । ମାତ୍ର ମୋର ସେଆଡ଼କୁ ଭ୍ରୂକ୍ଷେପ ନାହିଁ । ଯେତେବେଳେ ଧବଳେଶ୍ୱରଙ୍କ ଦେଉଳ ଆଗରେ ହେଲି, ମୋର ଜ୍ଞାନ ଫେରି ଆସିଲା । ଚୁ କରି ମୁଣ୍ଡ ବାଡ଼େଇ ଦେଲି । ରକ୍ତ ଝରଝର ହୋଇ ବୋହିଗଲା । କହିଲି,"ପ୍ରଭୁ କାଲି ବଳଦକୁ ଧଳା କରିଥିଲ, ମୋର କର୍ମକୁ ପଥର ହୋଇଗଲ । ତୋ ଆଗରେ ସବୁ ସବୁକଥା ହୋଇଥିଲା ।" ପୁଣି ମନେ ବସୁରିଲି, "ରଜଣୀକୁ ଦେଉଳ ଭିତରେ କୁଣ୍ଢାଇ କରି ଚୁମ୍ବନ ଦେଲି ବୋଲି କଅଣ ଠାକୁର ରାଗି ଗଲେ । ମତେ ବାବନାଭୂତ କରି ବୁଲାଇଲେ ।"

ଏହା ପରେ କେତେ ଆଡ଼େ ବୁଲିଲି, କେତେ କେତେ ଦୁଃଖ ଦୁର୍ଦ୍ଦଶା ଭୋଗ କଲି, ସେଗୁଡ଼ାକ ଆପଣଙ୍କ ଆଗରେ କଅଣ ବା କଅଣ କହିବି ? ଲୋକେ ମତେ ପାଗଳ ବୋଲି ଘଉଡ଼ିଲେ । ବାଉଳାଙ୍କପରି ବୁଲି ବୁଲି ଯାଇକରି ପ୍ରାୟ ଛଅମାସ ପରେ ବାଲେଶ୍ୱରରେ ପହଞ୍ଚିଲି । ତିନି ଟଙ୍କା ଟଙ୍କାଟିକ ନୋଟ ବନ୍ଧାଇ ବଡ଼ ସାବଧାନରେ ଅଣ୍ଟାରେ ଖୋସିଥାଏ । ପ୍ରାୟ ଦିନ ବାରଟା ବେଳ ହେବ । ଜଳଖିଆ କରିବି ବୋଲି ଟଙ୍କା ଖୋଜିଲା ବେଳକୁ ଟଙ୍କା ନାହିଁ । ପୂର୍ବ ଦିନ ରାତିରେ ଜଣକ ଦୋକାନ ପିଣ୍ଡାରେ ଆଶ୍ରୟ ନେଇଥିଲି । ରାତିରେ ଜର ହେଲା । ଜର ବାଉଳାରେ ସେ ଟଙ୍କା ବୋଧହୁଏ ଅଣ୍ଟାରୁ ଖସି ପଡ଼ିଥିବ । କଅଣ କରିବି ? ସ୍ୱାର୍ଥ ବସ୍ତାଏ ଦେଖି ଦେଖି ଗଲି । ସେ ଦୋକାନ

Digitized by srujanika@gmail.com

ପିଣ୍ଡା ପାଖରେ ଯାଇକରି ଖୋଜିଲି । ପାଇଲି ନାହିଁ । ଭାରି ଭୋକ ହେଉଥାଏ । ଭିକତ ମାଗି ପାରିବି ନାହିଁ । ଉପାୟ ? ବାଲେଶ୍ୱର ସହରକୁ ଫେରିଲି । ସଞ୍ଜବତୀ ଲାଗିଲା । ଭୋକରେ ଦୋହଲା ମାରି ଯାଉଥାଏ । ଜଣେ ଓକିଲବାବୁଙ୍କ ବୈଠକଖାନାକୁ ପଶିଗଲି । ଦେଖିଲି, ମହକିଲମାନେ ଟଙ୍କା ଦେଉଛନ୍ତି । ଓକିଲବାବୁ ଗଣିକରି ନେଉଛନ୍ତି । ମୋର ରୂପ-ଭେକ ଦେଖି, ଓକିଲବାବୁ ଓ ତାଙ୍କ ମୋହରିରମାନେ ମତେ ପଦାକୁ ବାହାରି ଯିବାପାଇଁ କହିଲେ । ମୁଁ ଭାବିଲି, ଇଂରାଜିରେ କହିଲେ, ଓକିଲବାବୁ ମୁଁ ଜଣେ ଇଂରାଜି ପଢ଼ୁଆ ବୋଲି ଜାଣି ନିଶ୍ଚୟ କିଛି ଦେବେ । ମୁଁ ଚଳନସହି ମୁତାବକ ଇଂରାଜୀ କହି ପାରୁଥିଲି । କହିଲି,"ମୋର ଟଙ୍କାତଙ୍କ ହଜିଗଲା । ଅନୁଗ୍ରହ କରି କିଛି ଦିଅନ୍ତୁ ।" ମୋ କଥା ଶୁଣି ଓକିଲବାବୁ ମଧ୍ୟ ଇଂରାଜିରେ ଜବାବ ଦେଲେ, "ଦୁଃଖିତ ହେଲି, ମୋ ପାଖରେ କିଛି ନାହିଁ ।" ଆଗରେ ଏତେ ଟଙ୍କା ଥୁଆ ହୋଇଛି, ମାତ୍ର ତାଙ୍କ ନିକଟରେ କିଛି ନାହିଁ ବୋଲି, ସେ ଭାରି ଦୁଃଖିତ । ଏହା ଉପରେ ମୋର ଆଉ କଅଣ କହିବାର ଅଛି ? ନିରାଶରେ ଫେରିଲି । ତାପରେ ଜଣେ ବଡ଼ କବିରାଜଙ୍କ ଦୋକାନରେ ପହଞ୍ଚି କିଛି ସାହାଯ୍ୟ ମାଗିଲି । ମୋର ଦୀର୍ଘ ଶ୍ମଶ୍ରୁ ଓ ରୁକ୍ଷକେଶବାସ ଦେଖି ସେ ସଙ୍ଗୀମାନଙ୍କୁ କହିଲେ, "ଲୋକଟାର କିଛି ଖରାପ ଉଦ୍ଦେଶ୍ୟ ଥିଲାପରି ଜଣାଯାଉଛି", ମତେ କୁହିଁ, "ଅନୁଗ୍ରହ କରି ରାସ୍ତା ଦେଖନ୍ତୁ ।" ସ୍ଥିର କଲି ପ୍ରାଣ ପଛକେ ଯାଉ, ଆଉ କାହାରି

Digitized by srujanika@gmail.com

ପାଖରେ ହାତ ପତାଇବି ନାହିଁ । ମନେ ପଡ଼ିଲା, ମୋ ହାତକୁ ରକ୍ତ ଗଡ଼ୁଥିଲା ବୋଲି ଗୋଟିଏ ସୁନା ଡେଙ୍ଗୁରିଆ ଔଷଧ ପୂରାଇ ବାହାରେ ବାନ୍ଧିଥିଲି । ପାଞ୍ଚଟଙ୍କାରେ ଡେଙ୍ଗୁରିଆଟି ଗଢ଼ାଇ ଥିଲି । ନିତାନ୍ତ ଦୁଇଟଙ୍କା ହେବ ବିକିଲେ । ହାତରୁ ଫିଟାଇ ଗୋଟିଏ ଅଳଙ୍କାର ଦୋକାନକୁ ଗଲି । ଦୋକାନରୁ ନରେନ୍ଦ୍ର ବାବୁ ବାହାରି ଆସୁଥିବାର ଦେଖି ମୁଁ ଶବ୍ଦ ନ ଦେଇ ଟିକିଏ ଆଡ଼ ହୋଇଗଲି । ନରେନ୍ଦ୍ର-ବାବୁ ଏହି ବାଲେଶ୍ୱର ଅଞ୍ଚଳର ଜଣେ ବଡ଼ ଜମିଦାର । ମାମଲାମକଦ୍ଦମାରେ କଟକ ଯାଆସ କରନ୍ତି । ଦୀନୁବାବୁଙ୍କ ବସାରେ ରହନ୍ତି, ତେଣୁ ମୋର ବିଶେଷ ପରିଚିତ । ସେ ଆଗକୁ ଦୁଇ ଚାରି ପାଦ ଯାଇ ପୁଣି ଫେରିଆସି ମୋ ମୁହଁକୁ ନିରେଖି କରି ଚାହିଁଦେଲେ, "କିଏ ପିତାମ୍ବର ମାଷ୍ଟରେ ।" ମୁଁ ଧରାପଡ଼ି ବାଧ୍ୟ ହୋଇ ନମସ୍କାର କଲି । ସେ ମୋର ରୂପ ଭେକ ଦେଖି ବଡ଼ ଦୁଃଖିତ ହୋଇ କହିଲେ, "ଆସ ଆସ ବସାକୁ ଆସ ।" ମୁଁ କୁଣ୍ଠୁ କୁଣ୍ଠୁ ହେବାରୁ ସେ ମୋ ହାତ-ଧରି ଭିଡ଼ି ନେଇଗଲେ । ମୁଁ ତାଙ୍କ ସାଙ୍ଗରେ ଗଲି । ଅଳ୍ପସମୟ ନୀରବ ରହି ସେ କହିଲେ; "ମୁଁ ଏଥିମଧ୍ୟରେ କଟକ ଯାଇଥିଲି । ଦୀନୁବାବୁଙ୍କଠାରୁ ସବୁ ଶୁଣିଲି । ସେହି ଗୁଲିଖୋର ଦାମା ମୋହରିର ଝିଅ ଯୋଗୁ ତୁମେ କୁଆଡ଼େ ଘରଦ୍ୱାର ବିଷୟ ସବୁ ଛାଡ଼ି କରି ପଳାଇ ଆସିଛ । ଆଜି କାଲିର କଥା ନୁହେ ! ବାହା ହେବାକୁ ଇଚ୍ଛାଥିଲେ କଅଣ କନ୍ୟା ଅପୂର୍ବ ହୋଇଛନ୍ତି ? ଏହି କଥାକୁ ଏବେ ଏତେ ଦଶା ।"

Digitized by srujanika@gmail.com

ତାଙ୍କ ବସାଠାରେ ଆସି ପହଞ୍ଚିଲୁ । ସାଙ୍ଗେ ସାଙ୍ଗେ ଗୃହକରକୁ ଡାକି ତାଙ୍କ ନିଜର ଗୋଟିଏ ବାସୀଧୋବ ଲୁଗା ମଗାଇ ମତେ ପିନ୍ଧିବାକୁ ଦେଲେ । ମୋର ଛିଣ୍ଡା ମଇଳା ଲୁଗାକୁ ଗୃହକର ହାତରେ ଫୋପାଡେଇ ଦେଲେ । ଖାଇବାକୁ ବଢ଼ା ହେଲା । ମୁଁ ତାଙ୍କ ପାଖରେ ବସିକରି ଖାଇଲି । ବିଛଣା ପଡ଼ିଲା, ଶୋଇଲି । କଟକ ଛାଡ଼ି ଆସିବା ଦିନରୁ ଭୂମି-ଶଯ୍ୟାରେ ଶୋଉଥିଲି । ବାରଆଡ଼ୁ ବାର କଥାଭାବି ମତେ ଟିକେତେବେଳେ ନିଦ ହୋଇଗଲା ।

ସକାଳୁ ଉଠିଲା ବେଳକୁ ପ୍ରାୟ ନଅଟା ବାଜିଗଲାଣି । ବହୁଦିନ ପରେ ଗାଢ଼ନିଦ୍ରା ହୋଇଥିଲା । ଦେହଟା ମଧ୍ୟ ଅନେକାଂଶରେ ହାଲୁକା ଲାଗିଲା । ଭଣ୍ଡାରି ଡକାଇ ମତେ କ୍ଷଉରବାର କରାଇ ଦେଲେ । ଗୃହକର ପାଣି ଓ ସାବୁନ ଦେଇ ଗଲା । ବହୁଦିନ ପରେ ସଫା ସୁନ୍ଦର ହୋଇ ଗାଧୋଇଲି । ଦେହରେ ଅଣ୍ଟାଏ କହାଳର ମଳି ବସି ଯାଇଥିଲା । ମୋ କାନ୍ଧରେ କୌଣସି ବ୍ରହ୍ମରାକ୍ଷସ ସବାର ହୋଇଥିଲା, ଜଣା-ଗଲା ଆଜି ସେ ଓହ୍ଲାଇ କରି ଚାଲିଗଲା । ମନଟା ମଧ୍ୟ ଟିକିଏ ପ୍ରକୃତିସ୍ଥ ହେଲା ।

ବାଲେଶ୍ୱରରେ ଦୁଇଦିନ ରହି, ବଳଦ ଗାଡ଼ିରେ ବସି ତାଙ୍କ ଗାଁ ସିର୍‌ପୁରକୁ ଗଲୁ । ସିର୍‌ପୁର ପ୍ରାଇମେରୀ ସ୍କୁଲର ପ୍ରଥମ ଶିକ୍ଷକ ସ୍ଥାନ ଖାଲି ପଡ଼ିଥିଲା । ମୁଁ ପନ୍ଦରଟଙ୍କା ବେତନରେ ସେଥିରେ ନିଯୁକ୍ତ ହେଲି । ଉହିଁଅଁରୁଭନ୍ତ

Digitized by srujanika@gmail.com

ପ୍ରଥମ ହୋଇ ସ୍କୁଲକୁ ଗଲି । ସ୍କୁଲ ଘରଟି ଗାଁର ଶେଷ-ମୁଣ୍ଡରେ । ବଡ଼ ରମଣୀୟ ସ୍ଥାନ । ଚାରିଆଡ଼େ ନାନାଦ ଫୁଲଗଛ ଲଗିଛି । ମଲ୍ଲୀ, ନଆଲି, ଝଗର, ସେବତୀ, ଦଅଁଣା, ମରୁଆ ଗୋଲାପ,କରବୀର, ଆଉ କେତେ କଅଣ ? ଚାରିଆଡ଼ ପରିଷ୍କାର ପରିଚ୍ଛନ୍ନ । ଛେଲେ ଭାତ ଲୁହାଇ ଖାଇବ । ଘର ପଛପଟକୁ ପଣାପରିବା ବଗିଚା । କାନ୍ଧ କାନ୍ଧ ହୋଇ କଦଳୀ ଫଳିଛି । ମନଟା ବଡ ଖୁସି ହୋଇଗଲା । ପ୍ରାୟ ସତୁରିଜଣ ପିଲା ଉପସ୍ଥିତ ଥିଲେ । କିଏ ଗଛରେ ପାଣି ଦେଉଛି ତ, କିଏ ଶାଗ ପଟାଳୀ ହାଣୁଛି ? କିଏ ବାଇଗଣ ମୂଳ କୋଡ଼ୁଛିତ, କିଏ ଗାଁରୁ ଖତ ଆଣି ବିଞ୍ଚୁଛି । ସେକେଣ୍ଡ ପଣ୍ଡିତ ବ୍ରାହ୍ମଣ । ସ୍କୁଲପାଖ ଗୁଳାଆରେ ରନ୍ଧା ବଢ଼ା କରନ୍ତି । ସ୍କୁଲ ଘରେ ଶୁଆ ବସା କରନ୍ତି । ତାଙ୍କର ସାଙ୍ଗରେ ରହିଲି । ଉପରଓଳି ପାଞ୍ଚ ଛଅଟି ପିଲାଆସି ଚୁଲ୍ଲି ଚୌକା କରିଦେଲେ, ପରିବା କଟା, ମସଲା ବଟା, ଘର ଓଳିଆ ଆଦ କାମମାନ କରିଦେଇ ଚାଲିଗଲେ । ତହିଁ ଆରଦନ ସକାଳୁ ପୁଣି ପାଞ୍ଚ ଛଅଟି ପିଲା ଅଇଲେ । ତାହା ହାତରେ ପଟାଛଡ଼ା ଉଙ୍ଗାଶିଲଟ, କାହା ହାତରେ ଶିଶୁ ବର୍ଣ୍ଣ-ବୋଧକ ଖଣ୍ଡେ । ପଢ଼ା ଆରମ୍ଭ ହେଲା । ସୋରେଅ, ସୋରେଅ, ଶିଲଟବାଲା ପିଲାଟିର ଏଇଥିରେ ଓଳିଟି ଗଲା । ପାଇକ ସାଜିଲା, କାହାଳୀ ବାଜିଲା, ହାତୀ ଅଇଲା ଗୁଳିରେ, ବହିପଢ଼ା ସାଙ୍ଗ ହେଲା । ପୁଣି ପାଣି ଅଣା, ପରିବାକଟା ମସଲାବଟା, ତା ପରେ ଛୁଟି । ଦ୍ୱିତୀୟ ଶିକ୍ଷକଙ୍କଠାରୁ ଶୁଣିଲି,

Digitized by srujanika@gmail.com

ମୁଁ ନୂଆ ହୋଇ ଆସିଲି ବୋଲି ଜମିଦାରଙ୍କ ପିଆଦା ଯାଇ ସବୁ ପିଲାଙ୍କ ଘରେ ଡ଼ାକ ଦେଇ ଆସିଥିଲା । ସବୁପିଲା ପ୍ରଥମ ଦିନ ସକାଳେ ଆସିଥିଲେ । ସ୍କୁଲବାବୁ ଆସିଲାଦିନ ପିଆଦା ଯାଇଁ ଡ଼ାକିଆସେ, ସମସ୍ତେ ଆସନ୍ତି । ପୂର୍ବେ ଛାତ୍ର-ସଂଖ୍ୟା ଦେଢ଼ଶହ ଥିଲା । ଗାଁ ଦୁଇଫାଙ୍କ ହେଲାଦିନୁ ପୂର୍ବ ମୁଣ୍ଡରେ ଖଣ୍ଡିଏ ଗୁହାଳୀ ବସିଛି । ବର୍ତ୍ତମାନ ଛାତ୍ରସଂଖ୍ୟା ସତୁରି, ମାତ୍ର ପ୍ରତ୍ୟହ ପାଞ୍ଚଛଅଟି ପିଲା ଆସନ୍ତି । ବର୍ଷକରେ ଥରେ ଖଣ୍ଡେ ସ୍କୁଲବାବୁ ଆସନ୍ତି । ଜମିଦାରଙ୍କ ବଙ୍ଗଳାରେ ଦିନେ ଓଳିଏ ରହିଁ ସ୍କୁଲରେ ଟିକିଏ ମୁହଁ ମାରିଦେଇ ଦର୍ଶକାଭିପ୍ରାୟ ବହିରେ ଭଲ କରି ଦୁଇ ଗୁରଧାଡ଼ ଲେଖି-ଦେଇ ବିଦାୟହୁଅନ୍ତି । ଏହା ଶୁଣି ମୁଁ ବଡ ଉତ୍ତେଜିତ ହୋଇ କହିଲି—"ଦେଖ, ଏତେଗୁଡ଼ିଏ ପିଲାଙ୍କର ଶିକ୍ଷାରଭାର ଆମ-ଉପରେ, ଅଥଚ ଆମେ କର୍ତ୍ତବ୍ୟରେ ଏପରି ଅବହେଳା କରିବା, ଏଇଟା ଗୋଟାଏ ଅତି ଜଘନ୍ୟ ଅପରାଧ । ଏଣିକି ଆମ୍ଭମାନଙ୍କୁ ପ୍ରାଣପାତ କରି ପରିଶ୍ରମ କରିବାକୁ ହେବ ।" ସେକେଣ୍ଡ ପଣ୍ଡିତ ମୋ କଥା ଶୁଣି ଟିକିଏ ହସିଦେଲେ, ମାତ୍ର କିଛି କହିଲେ ନାହିଁ । ମନେ ମନେ ତାଙ୍କ ଉପରେ ବଡ଼ ବିରକ୍ତ ହେଲି ।

ତହିଁଆରଦିନ ସନ୍ଧ୍ୟାକୁ ଯାଇ ଗ୍ରାମର ଭାଗବତ ଘରେ ପହଞ୍ଚି ଗ୍ରାମର ମୁଖିଆ ମୁଖିଆ ଲୋକମାନଙ୍କୁ ଡ଼କାଇ ଶିକ୍ଷା ବିଷୟରେ ଗୋଟିଏ ଦୀର୍ଘ ଓ ସୁଚିନ୍ତିତ ବକ୍ତୃତା ଦେଲି ।

Digitized by srujanika@gmail.com

ସମସ୍ତେ ବଡ଼ ମନଯୋଗ ସହକାରେ ଶୁଣିଲେ । ସଭା ଶେଷରେ ପଚାରିଲି, "କାହାର କଅଣ କହିବାର ଅଛି ?" ସମସ୍ତ ଏକସ୍ୱରରେ କହିଲେ—ଆପଣ କେଉଁ ଅବଧି କଥା କହୁଛନ୍ତି ଯେ, ଆମେ ତା ଉପରେ ଆଉ କଅଣ କହିବୁ । ଆମରି ପାଇଁ ସିନା କହୁଛନ୍ତି । ମନରେ ବଡ଼ ଆଶା ହେଲା । ମୁଁ ଭାଗବତ ଘର ପାହାଚରୁ ଓହ୍ଲାଇବା ବେଳେ ଜଣେ ବୁଢ଼ା କହିଲେ—"ଆଜ୍ଞା ! ଆମେ ହେଲୁ ମୂଲିଆମହା-କାଳିଆ ମୁଣ୍ଡ, ଆମର ପାଠ କଅଣ ହେବ । ଆମ ପୁଅ-ମାନେତ ପାଠପଢ଼ି ଦପୋହି କଲଟର ହେବେ ନାହିଁ ।" ତା ପଛକୁ ଆଉ ଜଣେ ଆରମ୍ଭ କଲା—ଅବଧାନେ କଥାଟି କହନ୍ତି ପରି ସକାଳୁ ଉଠି ନଙ୍ଗଳେ ଯାଆନ୍ତି ଘୋଡ଼ାଣୀ ହେମ କାକର । ଗୃହସ୍ଥୀମୂଲିଆଘରର ପୁଅ, ସକାଳୁ କିଏ ଗୋରୁଏ ଘାସ କାଟି ଆଣିବ କିଏ ବା ବହନ ଟୋକାଇଟା ନେଇ ବିଲକୁ ଯିବ, କିଏ ବା ଗୋରୁ ଧଇଟାଙ୍କୁ ଚରେଇ ଆଣିବ । ଆମର ପାଠ କଅଣ ହେବ । ବ୍ରାହ୍ମଣ କରଣ ଘର ପିଲାଙ୍କୁ ପାଠ ପଢ଼ିବା ସାଜେ ।

ଆଉ ଜଣେ – ତାହାନୁହେଁ କଅଣ ? କର୍ମରେ ନ ଥିଲେ ଯେତେ ପଢ଼ିଲେ କଅଣ ହେବ । ଯେଉଁ ମୂରୁଖକୁ ସେହି ମୂରୁଖ । ଜମିଦାର ଇସ୍କୁଲ ବସାଇଛନ୍ତି । ମାସକରେ ଥରେ ଦୁଇଥର ସେଠାକୁ ନ ଗଲେ ସରକାର ଜମିଦାରଙ୍କୁ ଧରିବେ ।

Digitized by srujanika@gmail.com

ଅଉଜଣେ – ଆଜ୍ଞା ସମସ୍ତେତ ଯୋଗୀ ହେବେ, ଭକଦେବ କିଏ ? ଏ ସବୁ କଥା ଶୁଣି ବଡ଼ ନୈରାଶ୍ୟରେ ଫେରିଲି ।

ଏଲ, ଏସ୍, ଙ୍କର ମୌଖିକ ଉତ୍ତର ହେଲା—"ତେଣେ ହୋଟେଲ କବାଟ ପଡ଼ିଯିବ ଯେ ! ତୁମକୁ କଅଣ ରାତି ଦେଖାଯାଉନାହିଁ ।

ହୋଟେଲକୁ ଫେରିଲି ।

—※—

ପଞ୍ଚମ ସନ୍ଧ୍ୟା

ଆଜି ପୂରକାକେଶ୍ୱ, ନାନମାନ, ମଣ୍ଡା, ବରିଲଡୁ ଦହି-ବରା ଓ ପୁଳ । ମୁଁ ଛିଅ ପିଠା ଖାଇବାକୁ ଭଲ ପାଏ ନାହିଁ । ଭଣା ଅଧିକେ କିଛି ଖାଇଲି । ତାପରେ ଦାଣ୍ଡଘରେ ଆସି ବସିଲି ।

ମୁଁ—ହଁ, ଯିବ୍ୟପୁର ସ୍କୁଲରେ ମାଷ୍ଟର ହୋଇ ରହିଲେ, ତାପରେ କଅଣ ହେଲା ।

ମିଅସାହେବ ଆରମ୍ଭକଲେ:—ଆପଣ ସେ କାମକୁ ମାଷ୍ଟର ହେବା କହୁଛନ୍ତି । ସରକାରଠାରୁ ପନ୍ଦର ଟଙ୍କା ପାଇ ଜମିଦାରଙ୍କ ପାଖରେ ଅଜ୍ଞାବହ ହୋଇ ରହିବା ଗୃହକର୍ମ ସେ । ରାତି ଦୁଇଟାରେ ଶୋଇବାକୁ ହୁଏ । ସକାଳୁ ଉଠୁ ଉଠୁ ଦିନ ଦଶଟା । ନିତ୍ୟକର୍ମ, ଖିଆପିଆ ସବୁ ସରୁ ଦିନ

Digitized by srujanika@gmail.com

ଦୁଇଟା । ଟିକିଏ ବିଶ୍ରାମ, ତାପରେ ହାତାହାତି ଫେରି ବୁଲିବୁଲି ହେଉ ହେଉ ସନ୍ଧ୍ୟା । ତାପରେ ଜମିଦାରଙ୍କ କଚେରିରେ ହାଜିର ଦେବାକୁ ପଡେ । ରାତି ଦୁଇଟା ପର୍ଯ୍ୟନ୍ତ ନାନାଦି ଖୁସିଗପ ଓ ଗ୍ରାମର ରାଜନୀତି ଓ ସମାଜନୀତି ଚର୍ଚ୍ଚା । ଏହାହିଁ ହେଲା ଦୈନନ୍ଦିନ କାର୍ଯ୍ୟନିର୍ଘଣ୍ଟ ।

ମୁଁ ଆଗରୁ କହିଛି, ଯିରିପୁର ଲୋକମାନଙ୍କ ମଧ୍ୟରେ ଖୁବ୍ ଦଳାଦଳି ଚାଲିଥାଏ । ଗୋଟିଏ ଦଳର ଦଳପତି ସ୍ୱୟଂ ଜମିଦାର, ଅନ୍ୟ ଦଳର, ମହନ ମୁଦୁଲି କୁମ୍ଭାର ହେଉଛି, ପରନ୍ତୁ ମହନ ପୂର୍ବେ ବଡ଼ ଗରିବ ଥିଲା । ପୁଅଟି ପାରି ଯିବାରୁ କାଳୀମାଟି ଲଢ଼ା କଳରେ କାମ କରି ଦିନକୁ ଛଅ ଟଙ୍କା ପାଏ । ତେଣୁ ମୁଦୁଲି ପୁଅ ଭଲରେ ମୁଠିଏ ଖାଇପିଇ କଟି ଚଳେ । ବର୍ଷକୁ ବର୍ଷ ମାଣେ କଣେ ବି କିଣା ଲାଗିଛି । ମୁଁ ଉଭୟ ଦଳଙ୍କୁ ମିଳାମିଶା କରାଇବା ପାଇଁ ବହୁତ ଚେଷ୍ଟା କଲି, ମାତ୍ର ମୋ କଥା ଶୁଣୁଛି କିଏ ? ଶିଳ ଶିଳପଥା ଗଗନେ ଉଡୁଛି । ଶିମିଳି ତୁଳାକୁ ପଚାରେ କିଏ ? ମୁଁ କ୍ରମେ କ୍ରମେ ଜମିଦାରଙ୍କ ଦଳ ସଙ୍ଗରେ ଓତପ୍ରୋତ ଭାବରେ ଜଡ଼ିତ ହୋଇଗଲି । ନିଜର ଅନିଚ୍ଛାରେ ଜମିଦାରଙ୍କ ପ୍ରରୋଚନାରେ ଗୋଟାଏ ମକଦ୍ଦମାରେ ମହନ ମୁଦୁଲିନାଁରେ ମିଛ ସାକ୍ଷୀ ଦେଲି ।

ଜମିଦାରଙ୍କ କଚେରି ଗ୍ରାମର ପୂର୍ବ ମୁଣ୍ଡରେ । ସ୍କୁଲଟି ପଶ୍ଚିମ ମୁଣ୍ଡରେ । କଚେରିରୁ ଆସିଲାବେଳେ ଗାଁ ପଡ଼େ, ତାପରେ ଆମ୍ବ-

Digitized by srujanika@gmail.com

ତୋଟା, ତାପରେ ଗ୍ରାମଦେବତୀଙ୍କର ବଜେସ୍ଥଳୀ, ତାପରେ ମହନ ମୁଦୁଲି ଘର । ତାପରେ କଅ ଗୋହ୍ୱର, ବାଉଁଶବୁଦା, ତାପରେ ସ୍କୁଲ । ମୁଁ ରାତିଅଧରେ କଚରରୁ ଫେରଲା-ବେଳକୁ ଗାଁରେ ସମସ୍ତେ ଖାଇପିଇ ଶୋଇପଡ଼ି ଥାଆନ୍ତି । ମହନା କୁମ୍ଭାର ବିପକ୍ଷରେ ସାକ୍ଷୀ ଦେଲାଦିନୁ ମୁଁ ପରମ୍ପରାରେ ଶୁଣିଲି ଯେ କୁମ୍ଭାର ବାପୁଡ଼ା ମତେ ନିଘଣ୍ଟିଆରେ ଦେଖିଲେ ଭଲ କରି ପାନେ ଦେଇଦେବ ବୋଲି ବଦିଛନ୍ତି । ଏଥିଯୋଗୁଁ ଶଢାଏ ଶଢାଏ ଜଞ୍ଚର ଠେଙ୍ଗା ଧରି ଦୁଇ ଜଣ ପିଆଦା ଆସି ମତେ ସ୍କୁଲ ହତାରେ ଛାଡ଼ିଦେଇ କରି ଯାଆନ୍ତି । ମୁଁ ମଧ୍ୟ ଖଣ୍ଡିଏ ଦାନ୍ତୁଆ କଟୁରି ଧେନ ରାତିରେ ଯିବା ଆସିବା କରେ । ପଦାରେ କହିବୁଲେ, "ମୋ ଦେହରେ ଯେ ଟିପ ଛୁଇଁବ, ତାକୁ ଏ କଟୁରିରେ ଦଗଡ଼ ଦରିଦେବି, ମୋର କଅଣ ପୁଅ ମାଇପ ଅଛନ୍ତି ଯେ କାନ୍ଦିବେ ।" ଜମିଦାରଙ୍କ ପିଆଦା ସାଙ୍ଗରେ ଆସନ୍ତି । ମୁଁ ସେମାନଙ୍କୁ ଅଧବାଟରୁ ଫେରାଇ ଦେଇ ଏକୁଟିଆ ସ୍କୁଲକୁ ଯାଏ ।

ଖରାଦିନ ସତ । ଜହ୍ନ ପଡ଼ିଛି, ମାଣ୍ଡ ବଉଦ ଧୋଉଥାଇ ଥିବାରୁ ରାସ୍ତାଆଡ଼ ଝାପସା ଦେଖା ଯାଉଛି । ମୁଁ ଆସି କୁମ୍ଭାର ଘର ଦାଣ୍ଡରେ ହୋଇଛି, ତାଙ୍କ ଘର ଭିତରୁ ଗାଁ ଗାଁ ଶବ୍ଦ ଶୁଭିଲା । ବିପକ୍ଷ ଲୋକ, ତା ଘରେ ଯାହାପାଇଁ ତା ହେଉ, ମୋର ସେଠାକୁ ଯିବାଟା ଅନୁଚିତ ବୋଲି ବିଚାରି ଚାଲି ଯାଉଥିଲି, ହଠାତ୍ ତା ପଶ୍ଚିମପାଖ ହାଣ୍ଡିଅନ୍ଧ କବାଟରେ

Digitized by srujanika@gmail.com

ଦୃଷ୍ଟି ପଡ଼ଲା । ସେ କବାଟଟା ଠିଆ ମେଲା ହୋଇଛି, ଦୁଇ ଗୁରଟା ଢଏ ସେ ବାଟେ ବାହାର ଦୌଡ଼ି କରି ପଳାଇଲେ । ପୂର୍ବର ସନ୍ଦେହ ବୃଦ୍ଧି ପାଇଲା । ଏପରି ସମୟରେ ନ ଯିବାଟା କାପୁରୁଷତା ହେବ ବୋଲି ଭାବି କଣ୍ଟୁରୀଟିକୁ ଦୃଢ଼ ମୁଷ୍ଟିରେ ଧରି ପାଚେରି କବାଟୁବାଟରେ ଛକ ଛକ କରି ପଶିଲି । ଯାହା ଦେଖିଲି, ତହିଁରେ ମୋର ଜ୍ଞାନ ଲୋପ ପାଇଗଲା । ଅଗଣାରେ ମହୁନା ହଣା ହୋଇ ପଡ଼ିଛି, ଗଣ୍ଡି ଠାଏଁ, ମୁଣ୍ଡ ଠାଏଁ । ଦୁଆରେ ରକ୍ତ ଲହଡ଼ା ମାରୁଛି । କଣ୍ଟୁରୀ ହାତରୁ ଖସି ପଡ଼ିଲା । ମୁଁ ମୁଣ୍ଡରେ ହାତ ଦେଇ ମହୁନାର ଗଣ୍ଡି ପାଖରେ ବସି ପଡ଼ିଲି, ମୋ ଦେହ ମୁଣ୍ଡ ରକ୍ତ ହୋଇଗଲା । ଏହି ସମୟରେ ଢଏ ଦୁଇ ଗୃହିଜଣ ଖଞ୍ଜା-ଭିତରକୁ ପଶି ଆସି, "ଦଉଡ଼ ଆସ, ପିତାମ୍ବର ମାଷ୍ଟର ମହୁନା କୁମ୍ଭାରକୁ ହାଣି ପକାଇଲା" ବୋଲି ହୁଲିର କଲେ । ତା ପରେ ଅନେକ ଲୋକ ଆସି ସେଠାରେ ରୁଣ୍ଡ ହେଲେ ଓ ମତେ ଦୁଇ ଗୃହିଜଣ ଧରି କରି ପଛଆଡୁଆ କରି ପିଣ୍ଡା ଖୁଣ୍ଟରେ ବାନ୍ଧି ପକାଇଲେ ।

ଜମିଦାରଙ୍କର ଲୋକମାନେ ଖବର ପାଇ ମତେ ଉଦ୍ଧାର କରିବା ପାଇଁ ସଦଳ ବଳରେ ଆସି ସେଠାରେ ପହଞ୍ଚିଲେ । ଦୁଇଦଳ ମଧ୍ୟରେ ମାଡ଼ପିଟ୍ ହେଲା । ପାହାନ୍ତିଆ ପହରକୁ ପୁଲିସ ଆସି ପହଞ୍ଚିବାରୁ ଗୋଳମାଳ ବନ୍ଦ ହୋଇଗଲା । ତଦାରଖ ଚାଲିଲା । ମୁଁ ସତ କଥା କହିଲି—ମାତ୍ର କେହି ମୋ

Digitized by srujanika@gmail.com

କଥାକୁ କାନରେ ପକାଇଲା ନାହିଁ । ମୋ ବିପକ୍ଷରେ ଅନେକ ଲୋକ ଆସି ମିଥ୍ୟା ସାକ୍ଷ୍ୟଦେଇ ଗଲେ । ମହନା ସ୍ତ୍ରୀ ଘର-ଭିତରେ ହାତ ଗୋଡ଼ ବନ୍ଧା ହୋଇ ପଡ଼ିଥିଲା । ସେ ମଧ୍ୟ ମୋ ବିପକ୍ଷରେ କଥା ମିଛ ଗପି ଦେଇଗଲା । ଲାସ ମାଇନା ପାଇଁ ପଠାଗଲା ଓ ମୁଁ ଚାଲାଣ ହେଲି । ମକଦ୍ଦମା ଚାଲିଲା । ମୁଁ ଦୋଷୀ ବୋଲି ପ୍ରମାଣିତ ହେଲା । ଶେଷରେ କଳାପାଣି ହୁକୁମ ହେଲା । ଜମିଦାର ଅବଶ୍ୟ ଭଲ ଭଲ ଓକିଲ ଦେଇ ମୋ ପକ୍ଷରେ ଲଢିଥିଲେ । ମୁଁ ରେଲରେ କଲିକତା ଯାଇ ସେଠାରେ ବୋଇତରେ ବସିଲି । ଏ ସବୁ ଦେଖି ମୁଁ ଏକ-ପ୍ରକାର କାଠ ପାଲଟି ଯାଇଥାଏ । ମନେ ମନେ ଭାବିଲି, ମୁଁ ଯଦି ରଜନୀକୁ ବିବାହ କରି ଥାଆନ୍ତି, ତାହାହେଲେ ଆଜି ତାର ଅବସ୍ଥା କଅଣ ହୋଇ ଥାଆନ୍ତା । ପୁଣି ଭାବିଲି, "ରଜନୀକୁ ପାଇଥିଲେ, ମୁଁ ବାଲେଶ୍ୱର କାହିଁକି ଆସି ଥାଆନ୍ତି ଅବା ଏ ଦୁର୍ଦ୍ଦଶାରେ ପଡି ଥାଆନ୍ତି ?" ମୁଁ ଆଜି ପ୍ରଥମ ହୋଇ ଅନୁଭବ କଲି ଯେ, ମୋ ପରି ଗୋଟାଏ ଲୋକର ଏ ପୃଥିବୀରେ ରହିବା ବା ନ ରହିବାର କିଛି ଅର୍ଥ ନାହିଁ । ମୁଁ ମଲେ କେହି କାନ୍ଦିବାକୁ ନାହିଁ କିମ୍ବା ବଞ୍ଚି ରହିଲେ କେହି ଖୁସି ହେବାକୁ ନାହିଁ । କେତେ ଦିନ ପରେ ଜାହାଜ ଯାଇଁ ଆଣ୍ଡାମାନ ଦ୍ୱୀପରେ ଲାଗିଲା । ମୁଁ ମୋ ସାଙ୍ଗ କଇଦୀମାନଙ୍କ ସାଙ୍ଗରେ ଯାଇଁ ସେଠାର ଜେଲ ଭିତରେ ରହିଲି । କିଛି ଦିନ ପରେ ମୁଁ ଶତରଞ୍ଜି ଓ ଗାଲିଚା ବୁଣିବା କାମରେ ବଡ଼ ପ୍ରବୀଣ ହେଲି । ମୋର ଆଚରଣ ବ୍ୟବହାର ଦେଖି ମତେ ତରଣ ଜଣ କଇଦଙ୍କ

Digitized by srujanika@gmail.com

ଉପରେ ସରଦାର କରି ଦିଆ ହେଲା । ମୁଁ ମଧ୍ୟ କିଛି କିଛି ପାରିଶ୍ରମିକ ପାଇଲି ଓ ପଦାକୁ ଯିବା ଆସିବା କରିବାରେ ମୋର କୌଣସି ବିଶେଷ ବାଧା ରହିଲା ନାହିଁ । ଏହିପରି ସେଠାରେ ବାରବର୍ଷ କଟିଗଲା ।

ମତେ ସେତେବେଳକୁ ପ୍ରାୟ ତିରିଶ ବର୍ଷ ହେବ । ଦିନେ ବଡ଼ି ସକାଳୁ ବଡ଼ ସାହେବ ଡାକି କରି ମତେ ଓ ଆଉ କେତେ ଜଣ କଇଦିଙ୍କୁ ପଚାରିଲେ, "ନୂଆ ରଜା ଗାଦିରେ ବସୁଛନ୍ତି, ତୁମ୍ଭମାନଙ୍କୁ ଛାଡ଼ ମିଳିଲା । ଦେଶକୁ ଯିବ ନା, ଏଠାରେ ରହିବ ? ଏଠାରେ ବସବାସ କରି ରହିଲେ, ସରକାର ଜମିବାଡ଼ି ଦେବେ ଓ ଟଙ୍କା ପଇସା ସାହାଯ୍ୟ କରିବେ ।" ମୁଁ ଭାରି ଆନନ୍ଦିତ ହୋଇ ଦେଶକୁ ଯିବି ବୋଲି କହିଲି । ମୁଁ ଭାବି ଥିଲି, ସମସ୍ତେ ନିଶ୍ଚୟ ମୋ ପରି କହିବେ । ମାତ୍ର କେତେ ଜଣ ସେଠାରେ ଘର ଦ୍ୱାର କରି ରହିବାକୁ ମାଗିଲେ ।

ତହିଁ ଆରଦିନ ସକାଳ ଆଠଟା ବେଳକୁ ଖିଆ ପିଆ କରି ଆସି ଜାହାଜରେ ବସିଲୁ । ଏହି ସମୟରେ କେତେ ଗୁଡ଼ିଏ ସ୍ତ୍ରୀ କଇଦିଙ୍କୁ ମଧ୍ୟ ଜାହାଜକୁ ଅଣାଗଲା, ସେମାନଙ୍କ ମଧ୍ୟରେ ରଜନୀକୁ ଦେଖି ମୁଁ ପ୍ରଥମେ ମୋର ଆଖିକୁ ବିଶ୍ୱାସ କରି ପାରିଲି ନାହିଁ । ରଜନୀ ମତେ ଦେଖି "ମାଷ୍ଟରେ" ବୋଲି କହି ବିଜୁଳି ପରି ଚମକି ଆସି ମତେ କୁଣ୍ଢାଇ ପକାଇ ମୂର୍ଚ୍ଛା

Digitized by srujanika@gmail.com

ହୋଇଗଲା । ମୁଁ ସିନା ଆଖିରେ ଜଳ ଜଳ କରି ଶୁଣୁଥିଲି; ମାତ୍ର ମୋର ଜ୍ଞାନ ନ ଥିଲା । ଲୋକେ ଛୁଆଁ ବଛା କରିବାରୁ ଚେତା ହେଲା ।

ଆହୁରି ଶୁଣିବାକୁ ଇଚ୍ଛା ହେଉଥିଲା, ମାତ୍ର ନେପଥ୍ୟରୁ ଶୁଣାଗଲା, "ରାତି ପାହିଯିବ୍, ପରା ।" ହୋଟେଲକୁ ଫେରିଲି ।

ଷଷ୍ଠ ସନ୍ଧ୍ୟା

ଆଜି ଭାତ ଡାଲି ମାଛ ତିଅଣ, ଭଜା ଅମ୍ବିଲ ଇତ୍ୟାଦି । ବହୁ ଦିନ ହେଲା ନାନାଦି ଗୁରୁପାକ ଖାଦ୍ୟ ପରେ ଆଜିର ଏ ଖାଇବା ବଡ ରୁଚିକର ହେଲା । ଖାଇକରି ଦାଣ୍ଡଘରକୁ ଗଲି—ମିଆଁ ସାହେବ କହିଲେ, "ସେ ତାଙ୍କ କଥା ଖଣ୍ଡିଏ ଖାତାରେ ଲେଖିକରି ରଖିଚନ୍ତି । ମୁଁ କହିବା ଅପେକ୍ଷା, ସେ ଖଣ୍ଡିକ ଆପଣଙ୍କ ଆଗରେ ପଢୁଛି, ଶୁଣନ୍ତୁ ।"

ମୁଁ କହିଲି—ଆପଣ ଟଙ୍କା ପାଇଁ ଗ୍ରାମକୁ ଗଲେ, ତାପରେ କଅଣ ହେଲା ? ମୂଳରୁ ନ ପଢ଼ି ସେହିଠାରୁ ପଢନ୍ତୁ ।

ମିଆଁସାହେବ—ଆପଣ ତ ଖୁବ୍ ମଜନ ରଖିଛନ୍ତି । ତେବେ ଶୁଣନ୍ତୁ । ପଢ଼ା ଆରମ୍ଭ କଲେ:—

ଟୁକମା ଆସି ଆମ ବସାରେ ପହଞ୍ଚିବା ମାତ୍ରେ ମୁଁ ଜାଣିଲି ସେ କାହିଁକି ଆସିଛି । ଘର ଭିତରକୁ ପଶିଗଲି । ମାତ୍ର ନିଶ୍ୱାସ ବନ୍ଦ କରି କବାଟ କଣରେ ଲୁଚିକରି ସେମାନ-

Digitized by srujanika@gmail.com

ଙ୍କର କଥାବାର୍ତ୍ତା ଶୁଣିଲି । ମା କାଳୀଙ୍କ ଉଦ୍ଦେଶ୍ୟରେ କାନ୍ଥରେ ମୁଣ୍ଡିଆ ମାରି ମନେ ମନେ ଜଣାଇଲି, "ମା ! ମାଉସୀ ଯଦି ସୁରୁଖୁରୁରେ ମଙ୍ଗିଯିବେ, ତେବେ କାଲି ସକାଳେ ମନ୍ଦାର ଫୁଲ ତୋଳି ନିଜେ ମାଳ କରି ତୋ ପାଖକୁ ପଠା-ଇବି ।" ମାଉସୀ ରାଜିହେଲେ । ଟଙ୍କା ସଜାଡ଼ି କରିବା ପାଇଁ ଜବାବ ଦେଲେ । ମଗୁଶିର ମାସରେ ବାହାଘର ହେବ ବୋଲି ମଧ୍ୟ କଥା ଠିକ୍ ହୋଇଗଲା । ମୋ ପିଣ୍ଡରେ ପ୍ରାଣ ପଶିଲା । ମତେ ଜଣାଗଲା ମୋ ଦେହଟା ଭାରି ହାଲୁକା ହୋଇ ଗଲାଣି । ଫୁଙ୍କି ଦେଲେ ବୋଧହୁଏ ଶିମିଳୀ ତୁଳାପରି ଶୂନ୍ୟରେ ଉଡ଼ିଯିବ । ସନ୍ଧ୍ୟାକୁ ସବୁଠା ଅପିଲା । ତାଠାରୁ ଶୁଣିଲି, ମାଷ୍ଟରେ କାଲି ସକାଳୁ ଗାଁକୁ ଯିବେ । କାହିଁକି ଯିବେ ବୁଝିଲି । ରାତିରେ ଶୋଇଲି, ନିଦ ହେଲାନାହିଁ । କେତେ ସୁଖ ସ୍ୱପ୍ନ ଦେଖିଲି । ରାତି ପ୍ରାୟ ଦୁଇଟା ହେବ, ବାପା ବାଲେଶ୍ୱରରୁ ଆସି ପହଞ୍ଚିଲେ । ମାଉସୀ ଉଠିକରି କବାଟ ଫିଟାଇଲେ । ବାପା ଗୋଡ଼ହାତ ଧୋଇ ଜଳଖିଆ କରି ବସିଲେ । ମାଉସୀ ନିଶ୍ଚୟ ମାଷ୍ଟରଙ୍କ ସାଙ୍ଗରେ ମୋର ବିବାହ ପ୍ରସଙ୍ଗ କଥା ବାପାଙ୍କୁ କହିବେ, ବାପା ଶୁଣିକରି ଭାରି ଖୁସିହେବେ, ଏଥିରେ ମୋର ସନ୍ଦେହ ନ ଥିଲା । ତଥାପି ଙ୍କ କଥା ପଦେବ ଶୁଣିବା ପାଇଁ ମନଟା ଝାଉଁ ଝାଉଁ ହେଲା । ଗୋଡ଼ ଚପି ଚପି କରି ଯାଇ କବାଟ ପାଖରେ କାନଡେରିଲି । ବାପା ମାଉସୀଙ୍କ କଥାଶୁଣି କହିଲେ, "ନାନା, ସେ ଦଶ ପନ୍ଦ-ରୁଟା ଟଙ୍କା ପାଉଛି, ତା ସାଙ୍ଗରେ ମୋ ଝିଅକୁ ବିବାହ

Digitized by srujanika@gmail.com

ହେବ ନାହିଁ । ମୁଁ ବାଲେଶ୍ୱରରେ ମହାପ୍ରସାଦ ନିବନ୍ଧ କରି ଦେଇ ଆସିଛି । ପଅରିଦିନ ମଙ୍ଗଳକୃତ୍ୟ, କାଲିରାତିକୁ ଯିବା । ରାଘବ ବାବୁ ଜଣେ ବଡ଼ ଜମିଦାର । ନଗଦ ହଜାରେ ଟଙ୍କା ଆମକୁ ଦେବେ । ତା ଉପରେ ପୁଣି ସମସ୍ତ ଅସମସ୍ତ ଅଛି । ତାଙ୍କ ଆଗ ସ୍ତ୍ରୀଙ୍କର ବେତାଏ ସୁନା ଗହଣା ଅଛି । ମୁଁ ନିଜ ଆଖିରେ ଦେଖିକରି ଆସିଛି । ସବୁ ମୋ ରଜନୀ ପିନ୍ଧିବ । ରାଣୀ ହୋଇ ରହିବ । ଲକ୍ଷେ ପୋଇଲୀ ପରିବାସୀ ଦିନରାତି ଖଟିବେ । ଖଟ ଉପରୁ ତଳକୁ ଓହ୍ଲାଇବ ନାହିଁ । ଜୋଇଁଙ୍କୁ ଟିକିଏ ବୟସ ହୋଇଯାଇଛି । ପରୁଣ ‘ଖଣ୍ଡେ ହେବ । ଆଗ ଭାରିଜା ଅଡ଼ୁ ମୋହନ ବୋଲି ଗୋଟିଏ ପୁଅ ଅଛି । ତୁମେ ତ ଦେଖୁଛ, ଲଖିଆନା ଗୁରୁକୋଡ଼ି ବର୍ଷରେ ପୁଣି ନୂଆ ସଂସାର କଲା । ଗୁରୁ ପୁଅ ଦୁଇ ଝିଅ ହେଲେ । ସବୁ କର୍ମ । କର୍ମ ଛଡା ପଥ ନାହିଁ ।"

ମୁଁ ମନେ କରିଥିଲି, ମାଉସୀ ନିଶ୍ଚୟ ଆପତ୍ତି କରିବେ । ମାତ୍ର ସେ ଏ କଥା ଶୁଣି ଖୁସିରେ ଫୁଲିଗଲେ । ମୁଁ ଭାବିଲି, ଯାଇକରି ବାପାଙ୍କ ଗୋଡତଳେ ଲମ୍ବ ହୋଇ ପଡ଼ିଯାଇ କହିବି, "ବାପା ! ମୋର ଧନ ଦଉଲତ ଦରକାର ନାହିଁ । ମୁଁ ସେହି ମାଷ୍ଟରଙ୍କୁ ବାହା ନ ହେଲେ ଜହର ଖାଇ ପ୍ରାଣ ହରାଇବି ।" ମାତ୍ର ମୋ ଗୋଡ ଦଣ୍ଡାକୁ କିଏ ବାନ୍ଧି କରି ରଖିଲା ଓ'ମୋ ପାଟି ଅଠା ଅଠା ହୋଇଗଲା । ଏହି ସମୟରେ ବାପା କଅଣ ତୁନି ତୁନି କରି କହିଲେ, ମତେ ଶୁଭିଲା ନାହିଁ । ମାଉସୀ ହସଟାଏ ହସି ଦେଇ କହିଲେ,

Digitized by srujanika@gmail.com

"ତୁମପର ଚଉଆଣିଆ ଲୋକ ଏ ବ୍ରହ୍ମାଣ୍ଡ ମଣ୍ଡଳରେ ମୁଁ ଦେଖିନାହିଁ।" ବାପା ମୁହଁ ଧୋଇ ଦାଣ୍ଡ ଘରକୁ ଶୋଇବାକୁ ଗଲେ । ମାଉସୀ ଶୋଇବାକୁ ମୋ ପାଖକୁ ଆସିବ ବୋଲି ମୁଁ ଯାଇ ବଛଣାରେ ଆଖିବୁଜି ପଡ଼ିଗଲି । ସେ ଆସି କିଛି-କ୍ଷଣରେ ଶୋଇଲା । ମୋ ଆଖିକୁ ନିଦ ମାଉବ କୁଆଡୁ ! ଭାବିଲି, "ମାଟ୍ରେଷ୍ଟରେ ତାଙ୍କ ସାଙ୍ଗରେ ପଳାଇ ଯିବା ପାଇଁ ଲେଖିଥିଲେ । ସେତେବେଳେ ମୁଁ ତ ଭୁଲିଗଲି । ଏବେ କି ବୁଦ୍ଧି କରିବ ?" କ୍ରମେ କ୍ରମେ ରାତି ପାହିଲା । ବହୁ ଦିନପରେ ରୋଗଶଯ୍ୟାରୁ ଉଠିଲାପରି ଉଠି ଘର କାମ କଲି । ସବୁ ଦିନ ପରି ସୂର୍ଯ୍ୟ ଉଠିଲେ, ଫୁଲ ଫୁଟିଲା, ପବନ ବହିଲା, ରାସ୍ତାରେ ଗାଡ଼ି ଘୋଡ଼ା ଓ ଲୋକମାନଙ୍କର ସୁଅ ଛୁଟିଲା । ମୋର ଏ ଘୋର ଦୁଃଖରେ କେହି "ଆହା" ବୋଲି ପଦେ କହିଲେ ନାହିଁ । ଝୁଙ୍କମାଠାରେ ମୋର ଟିକିଏ ଆଶା ଥିଲା । ମାତ୍ର ସେ ଆସି ମାଉସୀକୁ ଦିଟାଏ ଶୋଧିଦେଇ ବାହାରକୁ ଚାଲିଗଲା ।

ବାପା ବଜାରକୁ ଯାଇ ଲୁଗାପଟା ଗାଡ଼ିଆ କେତେ କଅଣ କିଣି କରି ଆଣିଲେ । ମାଉସୀ ଜିନିଷପତ୍ର ସଜାଡ଼ା ସଜାଡ଼ି କରି ରଖାରଖି କଲେ । ବାପା ଖାଇ ବସିଲେ । ମାଉସୀ ସାଇ ଆଡ଼କୁ ଗଲେ । ଏ ସୁଯୋଗ ଦେଖି ମୁଁ ମନରେ ସମସ୍ତ ସାହସ ଏକତ୍ରିତ କରି ଲାଜ ସରମ ଛାଡ଼ି ବାପାଙ୍କ ପାଖରେ ବସିପଡ଼ି କାନ୍ଦିକରି କହିଲି, "ବାପା ! ମୁଁ ସେଠାରେ

Digitized by srujanika@gmail.com

ଖଭ୍ର ହେବ ନାହିଁ । ତୁମ ଗୋଡ଼ତଳେ ପଡୁଛ୍ତି । ମାଷ୍ଟରଙ୍କୁ ଖଭ୍ର ହେବ । ସେ ଝଙ୍କା ପାଇଁ ଗାଁକୁ ଯାଇଛନ୍ତି ।” ମୋ କଥା ଶେଷ ହେବାକୁ ନ ଦେଇ ବାପା କହିଲେ ହୂର୍ ପାଗଳି ! ରାଣୀ ହୋଇ ବସିବୁଲୋ, ରାଣୀ ହୋଇ ବସିବୁ ! ଲକ୍ଷେ ଲୋକ ତୋ ହାତ ଟେକାକୁ ଅନାଇ ବସିବେ । ଘିଅରେ ଖାଇ ଦୁଧରେ ହାତ ଧୋଇବୁ । ଲକ୍ଷେଶ୍ୱରୀ ହୋଇ ବସିବୁ । ପିଲା ଲୋକ କଣ୍ଟ ବୁଝିପାରୁ ନାହୁଁ ।” ଏହି ସମୟରେ ମାଉସୀ ଆସି ପହଞ୍ଚି ବଖ୍ୟାନ କଲା, “କି ଅଲଜୁକ କାଳ ହୋଇଗଲା । ଆମ ପିଲାବେଳେ ବାହାଘର ନା ଶୁଣିଲେ ସାତ କଣରେ ଯାଇ ଲୁଚୁଥିଲୁ । ଆଜିକାଲି ଝିଅମାନେ ବାହାଘର କଥାରେ ବାପମାନଙ୍କ ସାଙ୍ଗରେ ଜବାବ ସୁଆଲ କରୁଛନ୍ତି । ଯାହା କହନ୍ତି କାଳ ଆସି ଲଟାରେ ପଶିଲା ।” ଗୋଷାଣୀ ଲାଗିଲା ପରି ଆଉ କେତେ କଅଣ କହି ଦେଇଗଲା । ମୋ ପାଟିରୁ ଆଉ କଥା ବାହାରିଲା ନାହିଁ । ହାଣ୍ଡିଶାଳକୁ ଗଲି । ବିକଳ ହୋଇ କେତେ କାନ୍ଦିଲି, କେତେ ଦିଅଁ ଦେବତାଙ୍କୁ ଡ଼ାକିଲି । ଛାଡ଼ ସେ କଥା ।

ସନ୍ଧ୍ୟାକୁ ସବିତା ଆସିଲା । ତାକୁ ଦେଖି କୋହ ସମ୍ଭାଳି ନ ପାରି ଭୋ ଭୋ ହୋଇ କାନ୍ଦ ଜୁଡ଼ିଲି । ସେ ବି କାନ୍ଦ ପକାଇଲା । ସେ ଗଲାବେଳେ କହିଲି, “ସବିତା, ମାଷ୍ଟରଙ୍କୁ କହିଦେବୁ, ଏ ଅଲକ୍ଷଣୀକୁ ପାଶୋରି ପକାଇବେ ।” ସବିତା ଚାଲିଗଲା । କେତେ କାନ୍ଦିଲି । ବହୁ ଦିନ ପରେ ଆଜି

Digitized by srujanika@gmail.com

ବୋଉ କଥା ମନେ ପଡ଼ିଲା । ଭାବିଲି, "ବୋଉ ବଞ୍ଚିଥିଲେ ଆଜି ଏ କଥା ହୋଇ ନ ଥାଆନ୍ତା ।" ମାଷ୍ଟରଙ୍କ ପାଖକୁ ଚିଠି ଲେଖିବ ବୋଲି କାଗଜ ବାହାର କଲି; ମାତ୍ର ମୋ ହାତ ଚଳିଲା ନାହିଁ ।

ବାପା ପ୍ରାୟ ରାତି ଆଠଟାବେଳେ ଗୋଟାଏ ଘୋଡ଼ା-ଗାଡ଼ି ଡାକି ଆଣିଲେ । ଆଗରୁ ସବୁ ବନ୍ଦୋବସ୍ତ ହୋଇଥିଲା । ମାଉସୀ ଓ ବାପା ଖାଇଲେ । ମୁଁ ଭାତ ଥାଳିରେ ବସିଲି ମାତ୍ର । ଜିନିଷପତ୍ର ଗାଡ଼ିରେ ଲଦା ହେଲା । ବାପା ଆସି ମତେ ଓ ମାଉସୀଙ୍କୁ ନେଇ ଗାଡ଼ି ପାଖକୁ ଆସିଲେ । ଆଜି ବାପାଙ୍କ ଆଖି ନାଲି ନାଲି ହୋଇଛି । ରାତି ଅନିଦ୍ରା ହେବ ବୋଲି ଗୁଲିର ମାତ୍ରା ଟିକିଏ ବଢ଼ାଇ ଦେଇଛନ୍ତି । କେଉଁଦିନ ଗୋଟିଏ ଗପ ପଢ଼ିଥିଲି । ଜଣେ କାପାଳିକ, ମଦ ପିଇ, ଗୋଟିଏ ନିଷ୍ପାପ ଯୁବତୀକୁ କାଳୀଙ୍କ ଆଗରେ ବଳି ଦେବ ବୋଲି ନେଇ ଯାଉଥିଲା । ମୋର ଆଜି ସେହି ଗପ ମନେ ପଡ଼ିଲା ଓ ତାଳୁଠାରୁ ତଳିପା ପର୍ଯ୍ୟନ୍ତ ଥରି ଉଠିଲା । ନିଷ୍ପାପ ଛାଗ ଶିଶୁପରି ନିର୍ବିବାଦରେ ଯୂପକାଷ୍ଠ ନିକଟକୁ ଗଲି । ଗାଡ଼ିରେ ବସିଲି, ଷ୍ଟେସନରେ ଓହ୍ଲାଇ ପୁଣି ଯାଇଁ ରେଳରେ ବସିଲି । କେତେ ଥର ଇଚ୍ଛା ହେଲା, ରେଳରୁ ଡେଇଁ ପଡ଼ି ଜୀବନ ଖରଚ କରିଦେବି, ମାତ୍ର ପାରିଲି ନାହିଁ । ମୋର କୋରକିତ ବକ୍ଷଦେଶ ମନ୍ଥନ କରି, ଏ ସମାଜ ବିରୁଦ୍ଧରେ ଉଠିଲା ଏକ ଉତପ୍ତ ଦୀର୍ଘ

Digitized by srujanika@gmail.com

ନିଶ୍ୱାସ । ମାତ୍ର ଏ ଦୀର୍ଘ ନିଶ୍ୱାସର ଜ୍ୱାଳାମୟ ତୀବ୍ରତା, ଏ ଦୁନିଆରେ କେହି ବୁଝିଲା ନାହିଁ । ସକାଳ ହେଲା, ବାଲେଶ୍ୱର ଷ୍ଟେଶନରେ ଓହ୍ଲାଇଲି । ବଳଦ ଗାଡ଼ି ଓ ସବାରୀ ଆସିଥିଲା । ବାପା ଓ ମାଉସୀ ବଳଦ ଗାଡ଼ିରେ ବସିଲେ, ମୁଁ ସବାରୀରେ ବସିଲି । ଶଙ୍ଖ ବାଜିଲା । ଶବ୍ଦ ଆଗରେ ଭେରେଣ୍ଡାର ରଡ଼ପର . ତାହା ମୋ କାନକୁ ଶୁଣାଗଲା । ପ୍ରାୟ ଦଶଟା ବେଳକୁ ଯାଇଁ ସେଠାରେ ପହଞ୍ଚିଲି । ପରେ ଶୁଣିଲି, ସେ ନିଆଁ ଦରପୋଡ଼ା ଗାଁଟା ନା ପଦ୍ମପୋଖରୀ । କେତେଗୁଡ଼ିଏ ମାଇପେ ଆସି ହୁଳହୁଳି ପକାଇ ମତେ ଘର ଭିତରକୁ ନେଇ ଗଲେ । ସେଦିନ ମଙ୍ଗଳ କୃତ୍ୟ । ବାଜା ବାଜିଲା, ନାନାଦି ଆନନ୍ଦ ଉତ୍ସବ ଲାଗିଲା । ତହିଁ ଆରଦିନ ବାହାଘର ହେଲା । ଯାହାର ଆଗମନରେ "ଏତେ ବାଜଣା, ଏତେ ଆନନ୍ଦ ଉତ୍ସବ" ତାର ହୃଦୟ ମଧ୍ୟରେ କିପରି ଭୀଷଣ ଝଡ଼ ବହୁଥିଲା ତା କେବଳ ସେହି ଅନ୍ତର୍ଯାମୀହିଁ ଜାଣନ୍ତି ।

ନେପଥ୍ୟେ—ଲେଖିକାର ବିନା ଅନୁମତିରେ ତାର
ଲେଖା ପଢ଼ିବା ବଡ଼ ଅନ୍ୟାୟ ।

ଏହାକୁ ବଦାୟ ସଙ୍କେତ ବୋଲି ବୁଝି ହୋଟେଲକୁ ବାହାରିଲି ।

Digitized by srujanika@gmail.com

ସପ୍ତମ ସନ୍ଧ୍ୟା

ଧୀପ ଲଗିଲା ବେଳକୁ ପହଞ୍ଚିଲି । ଅନେକ ପ୍ରକାରର ଦାକ୍ଷିଣାତ୍ୟ ଖାଦ୍ୟ । ନା ସବୁ ପଗ୍ଭରିଲି । ମିଆଁ ସାହେବ ଗୋଟି ଗୋଟି କରି ନା କହିଲେ । ମାତ୍ର ମୋର କଣ୍ଟ ମନେ ରହିଲା ନାହିଁ । ତେବେ ଉପମା, ପାଲ୍ଲ, ଦୋଷୀ କ ନିର୍ଦୋଷୀ, ଏହିପରି ଆଜ ହେଉଛି କଅଣ ।

ଖାଇକରି ଦାଣ୍ଡ ଘରେ ବସିଲି । ମିଆଁ ସାହେବ ଖାତା ଫିଟାଇ ଆରମ୍ଭ କଲେ :—

ମୋ ଦେହରେ ବୋଝେ ଅଳଙ୍କାର ଖଞ୍ଜା ହେଲା, ମାତ୍ର ମତେ ଜଣାଗଲା, କଏ ଯେପରି ଲୁହା ବେଢ଼ୀକୁ ତତାଇ କରି ମୋ ଦେହରେ ବେଢ଼ାଇ ଦେଉଛନ୍ତି । ଉପବାସ, ମନସ୍ତାପ ଓ ନିରାଶାରେ ମୁଁ ଏକ ପ୍ରକାର ଭାଙ୍ଗି ପଡ଼ିଥିଲି ; ସ୍ୱୀତ ପହରରେ କ ପାଞ୍ଚଘଡ଼ି ହେବ, ଜଣେ ଦାସୀ ମତେ ସାଙ୍ଗରେ ନେଇ ଗୋଟିଏ ଘର ଖଟ ଉପରେ ଶୁଆଇ ଦେଇ, ତଳେ ଖଣ୍ଡିଏ ମସିଣା ପକାଇ ଶୋଇଲା । କେତେ କଥା ଭାବି ଭାବି ମତେ କେତେବେଳେ ନିଦ ହୋଇଗଲା । ମୋର ବାଁ କାନ୍ଧରେ ଗୋଟାଏ ରୁକ୍ଷସ୍ପର୍ଶ ଅନୁଭବ କରି ନିଦଟା ଚଟ୍‌କରି ଭାଙ୍ଗିଗଲା ଓ ମୋ ଦେହ ଥରି ଉଠିଲା । ଦେଖିଲି ଗୋଟାଏ କୁତ୍ସିତଦର୍ଶନ ବୃଦ୍ଧ ମୋ କାନ୍ଧରେ ହାତ ଦେଇ ମୋ ମୁହଁକୁ ଏକା ଲୟରେ

Digitized by srujanika@gmail.com

ଅନାଇ ରହିଛି । ମୁଁ କଅଣ କରିବ କଅଣ ବା କହିବ, କିଛି ସ୍ଥିର କରି ପାରିଲି ନାହିଁ ।

ବୃଦ୍ଧ—ଦେହଟା ବୋଧହୁଏ ଭଲ ଲାଗୁ ନାହିଁ ?

ମୁଁ କିଛି ନ କହି ଦେହରେ ମୁଣ୍ଡରେ ଭଲ କରି ଲୁଗା ଦେଇ କାନ୍ଥ ଆଡ଼କୁ ମୁହଁ କରି ଘୂଞ୍ଚିକରି ଶୋଇଲି । ମାତ୍ର ସେ ଅଲକ୍ଷଣା ବୁଢ଼ାଟା ପୁଣି ମୋ ପାଖକୁ ଲାଗି ଆସି କହିଲା,—"ପିଠି ଟିକିଏ ଆଉଁଷି ଦିଏଁ । ମନ ହେଲା କହିଦେବି—"ମତେ ଆଉଁଷିବୁ କଅଣ ? ଯମ ଯେ ଆସି ତୋ ପିଠି ଆଉଁଷିଲାଣି ।" ମାତ୍ର ତୁଣ୍ଡରୁ କଥା ବାହାରିଲା ନାହିଁ । ବୁଢ଼ା ମୋ ପାଖରେ ଅଳ୍ପକ ଘୁଞ୍ଚି ହୋଇ ବସିବାରୁ ମତେ ଭାରି ରାଗ ମାଡ଼ିଲା । ମୁଁ ରାଗରେ ଉଠିକରି କବାଟ ଫିଟାଇ ପଦାକୁ ଯିବାକୁ ବାହାରିଲି । ବୁଢ଼ା ମୋ ପଛେ ପଛେ ଯାଇକରି କହିଲା, "ଥାଉ ଥାଉ, ମୁଁ ଆଉ ତୁମ ସାଙ୍ଗରେ ଲାଗିବ ନାହିଁ । ଟିକିଏ ଶୋଇପଡ଼ ।" ମୁଁ ଫେରି ଆସି ତଳେ ମଶିଣାରେ ବସିଲି । ବୁଢ଼ା ଖଟ ଉପରେ ଶୋଇଲା । ମୁଁ ସେହିପରି ଏକା ସଜରେ ବସିଥାଏ, ବୁଢ଼ା ମଝେ ମଝେ ଉଠି "ଟିକିଏ ଶୋଇପଡ଼, ଦେହ ଖରାପ ହେବ" ବୋଲି କହି ପୁଣି ଶୋଇପଡ଼େ ।

ସେଠାରେ ବସି ବସି କେତେ ଆକାଶ-ପାତାଳ ଭାବିଲି । ଧବଳେଶ୍ୱରଙ୍କ ଦେଉଳ ଭିତରେ ସେଦିନ ସେ ପ୍ରାଣ ଉଚ୍ଛୁଳା ଆଲିଙ୍ଗନ ଓ ଆଦର ଓ ଆକାର ଏ ବିଭିନ୍ନ

ଅଭିନୟ ମଧ୍ୟରେ କେତେ ପ୍ରଭେଦ ! ମାଷ୍ଟେରେ ଗାଁରୁ ଫେରି ଏ କଥାସବୁ ଶୁଣି କଅଣ ଭାବିଥିବେ, କଅଣ କରିଥିବେ ? କୁଅ କୋଇଲି ରାବିବା ପୂର୍ବରୁ ସେ ଘରୁ ବାହାରି ଆସିଲି ।

ସାତମଙ୍ଗଳା ଗଲା । ଅଠମଙ୍ଗଳା ଦିନ ସ୍ୱାମୀ ଘରେ ମୋ ମୁହଁ କେହି ଚାହିଁବେ ନାହିଁ । ସୁନ୍ଦରୀ ଫାଟିବା ପୂର୍ବରୁ, ମୁଁ ବାପା ଓ ମାଉସୀ ଯାଇଁକରି ସେହି ଗ୍ରାମରେ ଜଣକ ଘରେ ରହିଲୁ । ସେଠାରେ ଦୁଇଦିନ ରହିବା ପରେ ସନ୍ଧ୍ୟାକୁ ସବାରିରେ ବସିକରି ପୁଣି ସେହି ଯମ ପୁରୀକୁ ଆଇଲି । ସେଦିନ ମୋର ପୁଅଣୀ ଘର ବୋଲି ଶୁଣିଲି । ସେ ଖଣ୍ଡିଆ ବୁଢ଼ାଟା ଆସି ମୋ ପାଖରେ ବସିଲା । କର୍ମ ହୋଇ ହେଲା । ହୋମ ହେଲା । ମନ ହେଉଥାଏ ହନୁମାନ ଲଙ୍କା ପୋଡ଼ିଲାପରି ଏ ହୋମ ନିଆଁରେ ଏ ପୁରି ଭସ୍ମକରି ସାତ ସମୁଦ୍ର ତେଇଁ କୁଆଡ଼େ ପଳାଇ ଯାଆନ୍ତି । ପୋଡ଼ାପାଡ଼ କର୍ମ ସରିଲା । ଖିଆପିଆ ଲାଗିଲା । ପ୍ରାୟ ରାତି ବାରଟା ହେବ । ଦୁଇଜଣ ମାଇପେ ମତେ ଟିକି ଉଠାଇ କରି ନେଇ ପୂର୍ବର ସେ ଶୋଇବା ଘର ଭିତରକୁ ପେଲି ଦେଇ ପଦା ପାଖରୁ ଶିକୁଳି ଲଗାଇ ନେଲେ । ମୁଁ ଖଟ ଉପରକୁ ଚାହେଁ ତ ସେ ମାଙ୍କଡ଼ ବୁଢ଼ା ଖଟ ଉପରୁ ଓହ୍ଲାଇ କରି ହସ ହସ ମୁହଁରେ ମୋ ଆଡ଼କୁ ଢପଟିଆସୁଛି । ସେ ପାକୁଆ ପାଟିକୁ ସେ ହସ ! ଭାବି ଅସନା ଦିଶୁଥାଏ । ମତେ କିଛି ବୁଦ୍ଧି ବାଟ ଦିଶିଲା ନାହିଁ । ବଳରେ ସେ କବାଟକୁ ଟାଣିଲି । ବୁଢ଼ା ମତେ ଝଙ୍କୁଡ଼ିଆ କରି କୁଣ୍ଢାଇ ପକାଇଲା । ଷଣ୍ଢଦୁଷ୍ଟ କୁକୁରର

Digitized by srujanika@gmail.com

ଆଲିଙ୍ଗନ ବୋଧହୁଏ, ଏହାଠାରୁ ବଳିକରି ଘୃଣ୍ୟ ଓ ପୀଡ଼ା-ଦାୟକ ହୋଇ ନ ଥିବ ? ମୁଁ ତାକୁ ପଛଆଡ଼ୁଆ କରି ପେଲି ଦେଲି । ବୁଢ଼ା ଗାଣ୍ଡିମାଡ ହୋଇ ପଡ଼ିଲା, ଉଠି କରି ମତେ କେତେ କାକୁତି ମିନତି ହୋଇ କହିଲା, ତା କଥା ଶୁଣି ମୋ କାନରେ କିଏ ନିଆଁ ଖୁଣ୍ଟା ଗେଞ୍ଜି ଦେଲା ପରି ଲାଗିଲା, ମୁଁ କିଛୁ ନ କହି ଓଢଣୀଟି ଭଲ କରି ଦେଇ ସେହି କବାଟ ପାଖରେ ବସି ରହିଲି । ବୁଢ଼ା ଯାଇ କରି ଖଟ ଉପରେ ବସିଲା । ମୁଁ ସ୍ୱସ୍ତିର ନିଶ୍ୱାସ ମାଇଲି । ଟିକିଏ ଯାଇଛି କି ନାହିଁ, ଭୂତ ଲାଗିଲା ପରି ଖଟ ଉପରୁ ଉଠି ଆସି ମୋ ଆଗରେ ବସି ଯାଇଁ ସଙ୍ଗୀତ ଥିଲା ପାରିଜା କଲା ପରି ଅଭିନୟ ଆରମ୍ଭ କଲା । ମୋ ହାତ ଜଳି ଉଠିଲା । ଏଥର ବି ବୁଢାକୁ ପେଲି ଦେଲି । ମୋ ହାତ ଖଡ଼ୁଠା ବୁଢା ଗୁତରେ ବସିଗଲା । ସେ ରାଗି ଯାଇ କରି କହିଲା—"କୋଳି ମଞ୍ଜି ପରି ହଜାରେ ଟଙ୍କା ଗଣି ଦେଇ କିଣିକରି ଆଣିଛୁ. ତହିଁରେ ପୁଣି ଏ ଗୁତର ।" ଏ କଥା ଶୁଣି ମୋ ମନ ଭିତରେ ନିଆଁ ଲାଗି ଗଲା । ରାଗରେ କହି ପକାଇଲି, "ହଜାରେ ଟଙ୍କା ଦେଇ କରି ସିନା ମୋ ଦେହଟାକୁ କିଣିଛୁ, ମାତ୍ର ତୋର ସମସ୍ତ ସମ୍ପତ୍ତି ଦେଲେ ବି ମୋ ମନକୁ ଏକ ମୁହୂର୍ତ୍ତ ପାଇଁ ସୁଦ୍ଧା କିଣି ପାରିବୁ ନାହିଁ ।" ମୋର ଏପରି ରୁ ଢାକର କଥା ଶୁଣି ବୁଢ଼ା ରାଗରେ ଗୋଟିପଟେଣ ପାଟିଯାଇ କହିଲା, "ବାରବୁଲି, ଛତରଖାଇ ! ଛତରରେ ଖାଇବା ଲୋକ, ରାଜରାଣୀ ହୋଇ ରହିବୁ କୁଆଡୁ ? ଅଭି ମୋ ଘରୁ ନିକଳ !" ମୁଁ [illegible]

Digitized by srujanika@gmail.com

ଶୁଣି ସ୍ୱଗରେ କର୍ମି ଉଠି ଠିଆ ହୋଇ କବାଟକୁ ଟାଣିଲି । ଏଥର କବାଟ ମେଲା ହୋଇଗଲା । ମୁଁ ସଦାକୁ ବାହାରି ବାଡ଼ ଦୁଆର ମେଲା କରି ଗଡ଼ିଆ କୂଳରେ ଯାଇ କରି ପହଞ୍ଚିଲି । କହିଲି, "ମାଷ୍ଟ୍ରେ ଏ ଜୀବନରେ ତୁମକୁ ଥରେ ଦେଖିବି ବୋଲି ବଡ଼ ଆଶାଥିଲା; ମାତ୍ର ତା ହୋଇ ପାରିଲା ନାହିଁ ।" ପୋଖରୀ ପାଣିକୁ ଡେଇଁ ପଡ଼ିଲି ।

ଯେତେବେଳେ ମୋର ଚେତା ହେଲା, ମତେ ସବୁ ସପନ ଦେଖିଲା ପରି ଲାଗିଲା । କ୍ରମେ କ୍ରମେ ଗତ ରାତ୍ରର ସମସ୍ତ କଥା ମନେ ପଡ଼ିଲା । ଦେଖିଲି କେତେ ଗୁଡ଼ାଏ ମାଇପେ ବସି ମୋ ଦେହ ମୁଣ୍ଡ ଅଉଁଶୁଛନ୍ତି । ମୁଁ ଧୀରେ ଧୀରେ ଉଠି କରି ବସିଲି । ଲୁଗା ପାଲଟିଲି । ସେମାନେ ଭାତ ଆଣି ସେଇଠାରେ ବାଢ଼ିଲେ । ଉଠି କରି ଗୁଣ୍ଡାଏ ଖଚଣ୍ଡ ଖାଇଲି । ପୁଣି ବିଛଣା ଧଇଲି । ଉଠିଲା ବେଳକୁ ଗଛ ପତ୍ରରେ ଖରା ଥାଏ । ସେ ଦିନ ରାତିକୁ ବାପା ଓ ମାଉସୀ ଜଣକ ବାହାରିଲେ । ମାଉସୀ ମତେ ଅନେକ ପ୍ରକାର ବୋଧଶୋଧ କରି ବିଦାୟ ନେଲେ ।

ସେହି ଦିନଠାରୁ ମୁଁ ମଝି ଘରେ ଶୋଭା (ଦାସୀ) ପାଖରେ ରାତିରେ ଶୋଇଲି । ବୁଢ଼ା ଖାଇବାକୁ ଆସେ । ମୁଁ ବଢ଼ା ବାଡ଼ି କରି ଦିଏ । ରଙ୍ଗିଆ (ପୂଜାରି ଟୋକା) ନେଇ ତା ପାଖରେ ଥୋଇ ଦିଏ । ବୁଢ଼ା ଖାଇ କରି ଚାଲିଯାଏ । ଦିନେ ବୁଢ଼ା ଶୋଭାକୁ କଅଣ ଗୁନ ଗୁନ କରି କହିଲା ।

Digitized by srujanika@gmail.com

ଶୋଷ୍ଣୀ କହିଲା, "ତାଙ୍କ ଜାଉକୁ ଶୀତଳାଇ କରି ଖାଆନ୍ତୁ ସିନା ! ନୂଆ ହୋଇ ଧସ ହୋଇଛନ୍ତି, ଦିନା କେତେ ଗଲେ ବଳେ ପୋଷା ମାନିଯିବ ଯେ ।"

ମୁଁ ମନେ ମନେ କହିଲି, "ଅବର୍ଯ୍ୟା, ପରପଞ୍ଚ ବୁଢ଼ା, ତୁ ଜାଉ ଶୀତଳାଇ କରି ଖାଇବା ପୂର୍ବରୁ ବ୍ରାହ୍ମଣମାନେ ଆସି ତୋ ଉତ୍ତରଷୋଡ଼ଶ କର୍ମରେ ଜାଉ ଖାଇ କରି ଯିବେ ।"

ଏହାର ଦୁଇ ଦିନ ପରେ ମୋହନ (ମୋ ସଉତୁଣୀ ପୁଅ) ଆସି ପହଞ୍ଚିଲେ । ବାପ ବିଭାଘର ଦେଖନ୍ତେ ନାହିଁ ବୋଲି ସେ ମାମୁ ଘରକୁ ଯାଇଥିଲେ । ତାଙ୍କୁ ପ୍ରାୟ ଅଠର, ଉଣେଇଶ ବର୍ଷ ହେବ । ସୁନ୍ଦର ନ ହେଲେ ମଧ୍ୟ ଅସୁନ୍ଦର ନୁହନ୍ତି । ହାଣ୍ଡିଶାଳ ଘର ଭିତରକୁ ପଶି ଆସି ମତେ ନମସ୍କାର କଲେ । ମୁଁ ଟିକିଏ ଆଡ଼ ହୋଇଗଲି । ଯେତେ ହେଲେ ଭେଣ୍ଡା ପୁଅ ନା । ବେଳେ ବେଳେ ମୋହନ କେହି ନ ଥିଲାବେଳେ ହାଣ୍ଡିଶାଳ ଘରକୁ ପଶି ଆସି ମୋ ଆଡ଼କୁ ଚାହିଁ ହସି ଦିଅନ୍ତି । ମୁଁ ଟିକିଏ ଆଡ଼ ହେଲାରୁ କହନ୍ତି, "ପୁଅକୁ ଲୁଚିଲେ ଚଳିବ କିପରି ?" ମାତ୍ର ମୁଁ ଆଡ଼ ଆଡ ହେଉଥାଏ ।

ଦୁଇ ଚାରି ଦିନ ପରେ କ'ଣ ଗୋଟାଏ କଥାରେ ବାପ ପୁଅ ମଧ୍ୟରେ ଘମାଘୋଟ କଳିକଜିଆ ଲାଗିଲା । ଯେଉଁ ଗାଳି ଦିଆ ଦେଇ ହେଲେ, କାନରେ ଶୁଣିବା କଥା ନୁହେଁ । ଶୁଣିଲି, ବାପ ପୁଅ ମଧ୍ୟରେ ଏଇଟା କିଛି ନୂଆ କଥା ନୁହେଁ ।

ଏହାର ଦୁଇ ଚାରି ଦିନ ପରେ ମୁଁ ମଝିଘରେ ଶୋଷ୍ଣୀ ପାଖରେ ନିଦରେ ଶୋଇଛି, ମୋ ଦେହରେ କାହା[illegible]

Digitized by srujanika@gmail.com

ସ୍ପର୍ଶ ଅନୁଭବ କଲି । ଘରଟା ଅନ୍ଧାର । ହଠାତ ଚମକି ପଡ଼ି ପଚାରିଲି,"କିଏ ସେ ।" କିଏ ତୁନି ତୁନି କରି କହିଲା,"ପାଟି କରନା, ମୁଁ ମୋହନ ।" ଏକଥା ଶୁଣି କ୍ରୋଧ ଓ ଦୁଃଖରେ କହିଲି, "ମୋହନ, ତୁମକୁ ଏ ବୁଦ୍ଧି କିଏ ଦେଲା । ମୁଁ ପରା ତୁମ ବୋଉ । ଛି ଛି ଏ କି ଅଧର୍ମ୍ମ କଥା କହୁଛ । ଚଞ୍ଚଲ ଯାଉଛ ନା ପାଟି କରିବି ।" ମୋହନ ପୁଣି ତୁନି ତୁନି କରି କହିଲା—"ବାପା ତ ଆଉ ଅଳ୍ପ ଦିନରେ ମରିବେ । ମୁଁ ତୁମର ପୋଷା କୁକୁର ହୋଇ ରହିବି । ମତେ ନିରାଶ କର ନା'। ତୁମକୁ ଦେଖିଲା ଦିନୁ ମୁଁ ଦାନା ପାଣି ଛାଡ଼ିଲିଣି । ତୁମେ ଦୟା ନ କଲେ ମୁଁ ନିଶ୍ଚୟ ପ୍ରାଣ ହରାଇବି ।" ଆଉ କଅଣ କହିବେ ବୋଲି ଯାଉଥିଲେ । ମୁଁ ପାଟି କଲାରୁ ପଳେଇଲେ । ମୁଁ ଶୋଭାକୁ ଉଠାଇ ସବୁ କଥା କହିଲି । ତା କଥା ଶୁଣି, ଏ ସବୁ ମୂଳରେ ଯେ ଶୋଭା ଅଛି, ମୋର ଏଥିରେ ଆଉ ସନ୍ଦେହ ରହିଲା ନାହିଁ । ମୋ କଥା ଶୁଣି ସେ କହିଲା,"ଦିଅ ମା ! ତୁନି ହୁଅ । ପିଲା ବୁଦ୍ଧି ତ । ଏକଥା କାହା ଆଗରେ ପ୍ରଘଟ କରିବ ନାହିଁ । ଏ ଗାଁ କଥା ତ ଜାଣିଛ । ତିଳକୁ ତାଳ କରିବେ । ଦାଣ୍ଡରେ ହାଟ ବସାଇବେ ।" କଅଣ କରିବ କର୍ମ୍ମକୁ ଆଦରି ରହିଲି ।

ଏଲ୍, ଏସ୍, ଜି. ରୁ (L. S. G) କୌଣସି ଅର୍ଡ଼ର । ଆସିବା ପୂର୍ବରୁ, ମିଆଁ ସାହେବ ଖାତା ବନ୍ଦ କରି ଉଠିଲେ ମୁଁ ମଧ୍ୟ ହୋଟେଲକୁ ଫେରିଲି ।

—*—

Digitized by srujanika@gmail.com

ଅଷ୍ଟମ ସନ୍ଧ୍ୟା

ଅଜି ଚୂଡ଼ା, ଅମ୍ବ । ତା ସାଙ୍ଗକୁ ସପୁରୀକୁ ଖୁବ୍ ପତଳା ଓ ଟିକି ଟିକି କରି କାଟି ତହିଁରେ ଲୁଣ ଓ ମରିଚ ଗୁଣ୍ଡା ଦେଇ ଏକ ପ୍ରକାର ଅତି ରୁଚିକର ଖାଦ୍ୟ କରାଯାଇଛି । ମୁଁ ଏହି ସପୁରୀ ଚଟଣୀକୁ ସବୁଠାରୁ ଖାଇ ଦେବାରୁ, ରଙ୍ଗିଆ ବେଗମ୍ ଆଉ ଥରେ ଆଣି ତହିଁରୁ ଟିକିଏ ବାହୁଡ଼ି କରି ମୋ ପତରରେ ଦେଇଗଲେ । ଖାଇ କରି ଦାଣ୍ଡ ଘରେ ବସିଲି, ମିଆଁ ସାହେବ ଖାତା ଫିଟାଇ ଆରମ୍ଭ କଲେ:—

ଏହାର ଦୁଇ ତିନି ଦିନ ପରେ ଦିନେ ମୋହନ ଆସି ମୋ ପାଖରେ କ୍ଷମା ପ୍ରାର୍ଥନା କଲେ । ମୋ ମନଟା ମଧ୍ୟ ତାଙ୍କ ପ୍ରତି ଟିକିଏ ନରମି ଗଲା । ତଥାପି ତାଙ୍କ ପାଖରୁ ଦୂର ଛଡ଼ା ହୋଇ ଚଳୁଥାଏ ।

ଏହାର କିଛି ଦିନ ପରେ ବୁଢାକୁ ଧଇଁ ପେଲିଲା । ଦିନ ଏଗାରଟା ବେଳ, ମୋହନ ଆସି ଖାଇ ବସିଲେ । ଶୋଭା ଦୁଆତ କଲମ କାଗଜ ଆଣି କହିଲା, "ସାନ ସାଆନ୍ତେ ! ଡ଼ାକ୍ତର ବାବୁଙ୍କ ପାଖକୁ କଅଣ ଲେଖିଦିଅ । ବେଳ ଉଚ୍ଛୁର ହୋଇ ଯାଉଛି । ବୁଢା ସାଆନ୍ତଙ୍କପାଇଁ ଔଷଧ ଆସିବ ପରା ?"

ମୋହନ—ଆରେ ମୁଁ ତ ଭାତ ଥାଳିରେ ବସି ଗଲିଣି । ଅଚ୍ଛା, ମୁଁ କହି ଦେଉଛି; ବୋଉଙ୍କୁ କହ ଲେଖି ଦିଅନ୍ତୁ ।

Digitized by srujanika@gmail.com

ଏ କଥା ଶୁଣି ମତେ ଭଲ କର ଲେଖି ଆସିବ ନାହିଁ ବୋଲି ମନା କଲି; ମାତ୍ର ଶୋଭା ଓ ମୋହନ ଧୂମ୍ ଲଗାଇବାରୁ ଲେଖିଲି । ମୋହନ ଡ଼ାକ ଦେଲେ ।

ପଦ୍ମପୋଖରୀ

ପ୍ରିୟ ଡାକ୍ତରବାବୁ !

ଆପଣଙ୍କ କଥା ମୁତାବକ ଏ ପାଞ୍ଚଶହ ଟଙ୍କା ପଠାଇଲି । ଏହା ହାତରେ ପୋଷାକ ଶାଢ଼ିନାଇଛି ଅଚ୍ଛା କରି ପାନେ ପଠାଇବ । ଏ ମୋର ଭାରି ବିଶ୍ୱାସୀ ଲୋକ । କିଛି ସନ୍ଦେହ କରିବ ନାହିଁ । ମୁଁ କଟକ ଗଲେ ଦେଖା ହେବ । ସତେ ଈଶ୍ୱର କରିବେ, ଆମ୍ଭମାନଙ୍କର ମନବାଞ୍ଛା ପୂରଣ ହେବ । ସାଙ୍ଗ ହୋଇ ସୁଖରେ ଦିନ କଟାଇବା । ଇତି ।

ଆପଣଙ୍କର

ମୁଁ

ମୁଁ ଚିଠି ଖଣ୍ଡିକ ଲେଖିଦେଇ ଶୋଭା ହାତକୁ ବଢ଼ାଇ ଦେଲି । ସେ ନେଇ ମୋହନଙ୍କ ପାଖରେ ଦେଖାଇଲା । ସେ ଦେଖିକରି କହିଲେ, "ଲେଖି ଆସିବ ନାହିଁ ବୋଲି କଅଣ କହୁଥିଲ । ଖୁବ୍ ଭଲ ହୋଇଛି ।"

ଶୋଭା ଚିଠି ଖଣ୍ଡିକ ନେଇ ଗୁଡ଼ିଗଲା ।

ବୁଢ଼ାକୁ ଭାରି ଜୋରରେ ଶ୍ୱାସ ଧରିଲା । ବାଲେଶ୍ୱରରୁ ଜଣେ ଡାକ୍ତର ଆସି "ଆମ ଘରେ" ରହି ତାଙ୍କୁ ଚିକିତ୍ସା କଲେ ।

Digitized by srujanika@gmail.com

ପ୍ରାୟ ରାତି ଦଶଟା ହେବ । ଶୋଭା ଆସି କହି କହିଲା, "ସାଆନ୍ତାଣି ! ବୁଢ଼ା ସାଆନ୍ତ ଏତେ ଅବସ୍ଥା ହୋଇ ପଡ଼ିଛନ୍ତି, ତୁମେ ଟିକିଏ ସେ ଘରକୁ ଯିବା ହେଉ ନାହିଁ ? ଯେତେ ହେଲେ ତ ହାତ ଧରି କରି ବାହା ହୋଇଛ ।" ମନେ ମନେ କହିଲି, "ସେଇଟା ମୋର କିଆଁ ନା ଗାତ ।" ଉଠିସି ଶୋଭା ସାଙ୍ଗରେ ସେ ଘରକୁ ଗଲି । ବୁଢ଼ା ଖଟ ଉପରେ ଦୁଇଟା ବଡ଼ ମାଣ୍ଡି ପିଠିକୁ ଦେଇ ଆଉଜି କରି ବସିଛି । କଣ୍ଠ ବୀଣା ପରି ବାଜୁଛି । ମୁଁ ଓ ଶୋଭା ଯାଇ ପାଖରେ ଠିଆ ହେଲୁ । ବୁଢ଼ା ଆଖି ବୁଜି ଥାଏ । ଔଷଧଂ ପାନେ ଖାଇବ ବୋଲି ଶୋଭା ପଚାରିଲାରୁ ବୁଢ଼ା ସେହିପରି ଆଖି ବୁଜି ମୁଣ୍ଡ ଝୁଙ୍କାଇ ଦେଲା । ଟେବୁଲ ଉପରେ ଔଷଧ ଶିଶି ଓ କାଚ ଗିଲାସ ଥିଲା । ଶୋଭା ପାନେ ଔଷଧ କାଚ ଗିଲାସରେ ଢାଳିଲା । ଏହି ସମୟରେ ମୋହନ ସେ ଘରକୁ ଆସି ଶୋଭା ହାତରେ ଗୋଟିଏ କାଗଜ ପୁଡ଼ିଆ ଦେଇଗଲେ । ଶୋଭା ସେ ପୁଡ଼ିଆରୁ କଅଣ ବାହାର କରି ସେ ଔଷଧ ଗିଲାସରେ ପକାଇ, ଗିଲାସକୁ ଭଲ କରି ଚହଲାଇ ମୋ ହାତକୁ ଦେଇ କରି କହିଲା, ବୁଢ଼ା ସାଆନ୍ତଙ୍କୁ ପେଇ ଦିଅ । ମୋର ଇଚ୍ଛା ନ ଥିଲେ ମଧ୍ୟ ଶୋଭା କଥାରେ ବାଧ୍ୟ ହୋଇ ଔଷଧ ଗିଲାସକୁ ବୁଢ଼ାର ପାଟି ପାଖରେ ଧଇଲି । ଏହି ସମୟରେ ଡାକ୍ତର ଓ ମୋହନ ଆସି ଦୁଆର ମୁହଁରେ ଠିଆ ହେଲେ । ଶୋଭା ଡାକିଲା—"ସାଆନ୍ତେ, ଆଁ କରିଦିଅ, ନୂଆ ସାଆନ୍ତାଣୀ ପରା ଔଷଧ ଦେଉଛନ୍ତି ।" ବୁଢ଼ା

Digitized by srujanika@gmail.com

ଆଖି ପିଟାଇ ମୋ ମୁହଁକୁ ଟିକିଏ ଅନାଇ ଦେଇ ଅଁ କରିଦେଲା । ମୁଁ ତା ପାଟିରେ ଔଷଧ ଢାଳି ଦେଲି । ସେ ମୁହଁଟାକୁ ବାଙ୍କଟାଳ କରି ଔଷଧତକ ଏକା ଢୋକରେ ପିଇ ଦେଲା । ସାଙ୍ଗେ ସାଙ୍ଗେ ଗଛକାଟିଲା ପରି ଖଟ ଉପରେ ମୁହଁମାଡ଼ି ପଡ଼ିଯାଇ ବାଡେଇ ପିଟି ହେଲା । ଡାକ୍ତରବାବୁ, ମୋହନ ଓ ଶୋଭା "କଅଣ ହେଲା, କଅଣ ହେଲା" ବୋଲି ସମସ୍ୱରରେ କହି ବୁଢ଼ାକୁ ଧରାଧରି କରି ଛୁଆଁବଁଆ କଲେ । ମୁଁ ସେ ଘରୁ ଚାଲି ଆସିଲି । ଏହି ସମୟରେ ମୋହନ, ଶୋଭା ଓ ଅନ୍ୟମାନେ କାନ୍ଦି ଉଠିଲେ । ଡାକ୍ତର କୁଆଡ଼େ କହିଲା, ସେ ଔଷଧ ସାଙ୍ଗରେ କିଏ ବିଷ ଦେଇଛି । ମୁଁ ମଝି ଘରେ ବସି ଏକଥା ସବୁ ଭାବୁଛି । ଏହି ସମୟରେ ମିଛୁ ଦୋଇ, ମୋର ଖୁଡ଼ଶାଶୁ ଲେଖା ହେବେ, ମୋ ପାଖକୁ ଆସିକରି କହିଲେ, "ଚଣ୍ଡାଳୁଣୀ, ତୁ ଏ କଥା କଲୁ କାହିଁକି ? ତୋତେ ଏ ବୁଦ୍ଧି ଦେଲା କିଏ ?" ମୁଁ କିଛି ବୁଝି ନପାରି ତାଙ୍କ ମୁହଁକୁ କାବା ହୋଇ ଅନାଇ ରହିଲି ।

ବଡ଼ି ଭୋରରୁ ପୁଲିଶ୍ ଆସି ପହଞ୍ଚିଲା । ମୁଁ ଔଷଧ ସାଙ୍ଗରେ ବିଷ ଦେଇଛି । ଦୁଇଦିନ ତଳେ କଟକରୁ ଜଣେ ଅପରିଚିତା ସ୍ତ୍ରୀ ଆସି ମୋ ସାଙ୍ଗରେ କଅଣ କଥାବାର୍ତ୍ତା ହୋଇ ଚାଲିଯିବାର ମଧ୍ୟ ସମସ୍ତେ ଦେଖିଥିବାର କହିଲେ । ଦିନ ଦଶଟା ବେଳେ ବୁଢ଼ାର ଶବ ଡାକ୍ତରମାଇନା ପାଇଁ [illegible]ଶ୍ୱର ପଠା ହେଲା ଓ ଖଣ୍ଡିଏ ବଳଦ ଗାଡ଼ିରେ

Digitized by srujanika@gmail.com

ମୁଁ, ଚୌକିଦାର ଓ କନେଷ୍ଟବଲ ଜଗୁଆଳରେ ଥାନାକୁ ସ୍ଥାନାନ୍ତରଣ ହେଲି । ଔଷଧ ଶିଶି, ଔଷଧ ଗିଲାସ, ତଳେ ପଡ଼ିଥିବା କାଗଜ, ଯାହାକୁ ଶୋଷି ଏଠି ତଳକୁ ଫିଙ୍ଗି ଦେଇଥିଲି, ଓ ଆଉ କଅଣ ସବୁ ପୁଲିସ ନେଇଗଲା ।

ମୋ କଥା କେହି ଶୁଣିଲେ ନାହିଁ । ବିଶେଷତଃ ମୋ ମନର ଅବସ୍ଥା ଏପରି ହୋଇଥାଏ ଯେ ମୁଁ କେତେବେଳେ କଅଣ କହିଲି, ତା ମଧ୍ୟ ମୁଁ ନିଜେ ବୁଝିପାରିଲି ନାହିଁ । ତଳ କୋର୍ଟ ଓ ଉପର କୋର୍ଟରେ ମୁଁ ଦୋଷୀ ବୋଲି ସାବ୍ୟସ୍ତ ହେଲି । ବିଶେଷତଃ ମୋହନଙ୍କ କଥାରେ ମୁଁ ଯେଉଁ ଚିଠି ଖଣ୍ଡିକ ଡାକ୍ତର ପାଖକୁ ଲେଖିଥିଲି, ସେହି ଖଣ୍ଡିକ ମୋ ବିପକ୍ଷରେ ବଡ ପ୍ରମାଣ ସ୍ୱରୂପ ହେଲା । ବାପା ମୋ ପାଇଁ ଖୁବ୍ ଲଢିଲେ, ମାତ୍ର ଶେଷରେ ମତେ ଦ୍ୱୀପାନ୍ତର ହୁକୁମ ହେଲା ।

ମୁଁ ମଣିଷ ହୋଇ ନଥାଏ, କାଠ ପାଲଟି ଯାଇଥାଏ । ମନେ ମନେ ଭାବିଲି, ଏ ଦୁନିଆରେ ଦୟା ଦେବତା ନାହାନ୍ତି, ଧର୍ମ ନାହିଁ, ସବୁ ମିଛ । ରେଳ ଓ ଜାହାଜରେ କେତେ ଦିନ କଟାଇ ଯାଇକରି ଆଣ୍ଡାମାନ ଦ୍ୱୀପରେ ରହିଲି । କଏଦୀ ଜୀବନ କ୍ରମେ କ୍ରମେ ଦେହସୁହା ହୋଇଗଲା । ବାରବର୍ଷ ପରେ ଛାଡ଼ ପାଇଲି । ମତେ ସେଠାରେ ରହିବାକୁ ବା ଦେଶକୁ ଯିବାକୁ ପଚରା ଗଲା । ମୋର ଆଉ ଦେଶକୁ ଯାଇଁ ଏ ପୋଡ଼ା ମୁହଁ ଦେଖାଇବାକୁ

Digitized by srujanika@gmail.com

ଇଚ୍ଛା ନଥାଏ; ତେବେ ଥରେ ମାତ୍ର ମାଷ୍ଟରଙ୍କ ସାଙ୍ଗରେ ଦେଖା କରି ତାଙ୍କୁ ଏ ନିଲଠା ଜୀବନର କରୁଣ କାହାଣୀ କହିବ ବୋଲି ମନରେ ଭାରି ଆଗ୍ରହ ହେଲା । ଦେଶକୁ ଯିବାକୁ କହିଲି । ଏକ ସ୍ଥାନରେ ଏପରି କି ପରସ୍ପରର ଏତେ ନିକଟରେ ଥାଇକରି ମଧ୍ୟ ଏକ ମୁହୂର୍ତ୍ତି ପାଇଁ ସୁଦ୍ଧା ମାଷ୍ଟରଙ୍କ ସାଙ୍ଗରେ ମୋର ଦେଖା ହୋଇ ନ ଥିଲା । ଧବଳେଶ୍ୱରଙ୍କଠାରୁ ଫେରିବା ଦିନଠୁ, ସେ ଦିନ ଜାହାଜ ଉପରେ ପ୍ରଥମ ଦେଖା ।

ରାତି ଅଧିକ ନ ହେଲେ ମଧ୍ୟ ଖାତାରେ ସେହି ପର୍ଯ୍ୟନ୍ତ ଲେଖା ଥିବାରୁ ସେତିକିରେ ବନ୍ଦ ହେଲା ।

ମୁଁ କହିଲି—ଆଜି ପ୍ରାୟ ମୋ କାମ ଶେଷ ହେଲା । କାଲି ସକାଳେ କିଛି କିଣାକିଣି କରିବି । କାଲି ରାତି ବାରଟା ଗାଡିରେ କଟକ ଯିବି ।

ମିଅାଁ ସାହେବ—ତାହା ହେଲେ ଆପଣ ବହୁଣାପନ୍ନ ଦେନ ସନ୍ଧ୍ୟାକୁ ଆମ ବସାକୁ ଆସିବେ । ମୁଁ ଷ୍ଟେଶନକୁ ଯିବାପାଇଁ ଗାଡ଼ି ବରାଦ କରିଥିବି । ଖାଇକରି ଏଧୁଠାରୁ ଯିବେ ।

ମୁଁ ହଁ ମାରି ହୋଟେଲକୁ ଫେରିଲି ।

Digitized by srujanika@gmail.com

ନବମ ସନ୍ଧ୍ୟା

ସନ୍ଧ୍ୟାକୁ ବଇଠାପନ ପୋଲ ମିଆଁ ସାହେବଙ୍କ ବସାରେ ପହଞ୍ଚିଲୁ । ଆଜ ଅନେକ ପ୍ରକାର ପିଠାପଣା, ଖାଇକରି ଦାଣ୍ଡ ଘରେ ବସିଲୁ । ମିଆଁ ସାହେବ ଆରମ୍ଭ କଲେ :—

ଜାହାଜରେ ରଜନୀ ମୋ ଆଗରେ ତା ଜୀବନର ସମସ୍ତ କଥା କହିଲେ ଓ ମୋ କଥାତକ ସବୁ ଶୁଣିଲେ । କେତେ ଦିନ ପରେ ବାଲେଶ୍ବର ଜେଲରେ ଆସି ପହଞ୍ଚିଲୁ । ଭୋଗରାଇ ଥାନାକୁ ଯିବା ପୂର୍ବରୁ ଜେଲର ବାବୁ ମତେ ଡାକି କରି କହିଲେ, "ତୁମେ ଭଲ ଗାଲିଚ୍ଚ ଓ ସତରଞ୍ଜି ବୁଣି ଜାଣ ବୋଲି ରିପୋର୍ଟ ଆସିଛି । ଜେଲର କଇଦମାନଙ୍କୁ ଗାଲିଚ୍ଚ ଓ ସତରଞ୍ଜି ବୁଣିବା ଶିଖାଇବା ପାଇଁ ଜଣେ ଶିକ୍ଷକ ଦରକାର । ଯଦି ଇଚ୍ଛା ଥାଏ, ତେବେ ତିରିଶ ଟଙ୍କା ଦରମାରେ ମୁଁ ତୁମକୁ ନିଯୁକ୍ତ କରିବ । ଏହି ଦୁଇ ଚାରିଦିନ ମଧ୍ୟରେ ଆସ ।" ମୁଁ ସମ୍ମତ ହୋଇ ରଜନୀ ସାଙ୍ଗରେ ପୂର୍ବୋକ୍ତ ପହରାରେ ଭୋଗରାଇ ଥାନାକୁ ଆସିଲୁ । ଯିରାପୁର ଓ ପଦ୍ମପୋଖରୀ ଗ୍ରାମ ଦୁଇଟି ଭୋଗରାଇ ଥାନା ମଧ୍ୟରେ । ଆମ ଦୁହିଁଙ୍କୁ କିଛି ବାଟ ଖରଚ ନେଇ ସେଠାରୁ ଛାଡ଼ି ଦେଲେ । ଦୁହେଁଯାକ ବାଲେଶ୍ବର ଫେରିଲୁ । ବାଟରେ ରାତି ହେଲା । ବୋଧହୁଏ ମାଘ ପୂର୍ଣ୍ଣିମା ଆଖପାଖ ହେବ । ଚନ୍ଦ୍ର ପଡ଼ିଛନ୍ତି । ଗୁରିଁଏଟି

ଆମ୍ବଗଛ ସବୁ ବଉଳରେ ଭାଙ୍ଗି ପଡ଼ୁଛି । ତାର ଉଚ୍ଛୁଳା ମହକରେ ପ୍ରାଣ ଜନ୍ମଉ ହୋଇ ଉଠୁଛି । ଚୈତ୍ର ମଳୟର କାଉଁରୀ ସ୍ପର୍ଶରେ ଦେହ ଉଲ୍ଲସି ଉଠୁଥାଏ । ଚାରିଆଡ଼ ନିର୍ଜନ, ନିଶବ୍ଦ ! କେବଳ ଗଗନର କେଉଁ ନିଭୃତ ପୀଠରେ ଚକୋର ବଧୂର କଳ ସଙ୍ଗୀତ ଭାସି ଆସି ଏକ ମାୟାପୁର ସୁଖ ସଙ୍ଗୀତ କାନରେ ବଜାଇ ମନ ମଧ୍ୟରେ ଅତୃପ୍ତ ବାସନାର ଅଗ୍ନି ଜାଳି ଦେଉଥାଏ । ରାସ୍ତା କଡ଼ର ଗୋଟିଏ ପଥର ଉପରେ ବସିଲି । ରଜନୀକୁ ଆଣି କୋଳରେ ବସାଇ ପଚାରିଲି, "ରଜନୀ ! ମୁଁ ତୁମର କିଏ ?" ରଜନୀ ଟିକିଏ ମାତ୍ର ରହିଯାଇ ଲଜ୍ଜା ଲଜ୍ଜା ହୋଇ କହିଲା, "ସ୍ୱାମୀ, ଦେବତା, ଗୁରୁ ।" ମୁଁ କହିଲି, "ରଜନୀ ! ବହୁଦିନ ପରେ ଆଜି ଆମେ ଦୁହେଁ ଭଗବାନଙ୍କ ମୁକ୍ତ ରାଜ୍ୟର ମୁକ୍ତ ପ୍ରଜା । ସମାଜ ଆମ ଦୁହିଁଙ୍କି ବିଚ୍ଛିନ୍ନ କରିବାପାଇଁ ତାର ସମସ୍ତ ଚେଷ୍ଟା କରି ପରାସ୍ତ ହେଲା । ମୃତ୍ୟୁ ବ୍ୟତୀତ ଆଜି କେହି ଆମ ଦୁହିଁଙ୍କି ବିଚ୍ଛିନ୍ନ କରି ପାରିବ ନାହିଁ । ଆଜି ଏଠାରେ ସର୍ବନିୟନ୍ତା ସର୍ବସାକ୍ଷୀଙ୍କର ପୌରୋହିତ୍ୟରେ ଆମ ଦୁହିଁଙ୍କର ବିଭାଘର ।" ରଜନୀ ଅର୍ଦ୍ଧ ମୁଦ୍ରିତ ଚକ୍ଷୁ ହୋଇ ମୋ କାନ୍ଧ ଉପରକୁ ଢଳି ପଡ଼ିଲା ।

* * * * *

ପାହାନ୍ତିଆ ପହରକୁ ପୁଣି ଚାଲିଲି । ବାଲେଶ୍ୱରରେ ଦିନେ ଖଣ୍ଡିଏ ବସା ଠିକ୍ କରି ରହିଲି । ଦୁଇ ଚାରିଦିନ

Digitized by srujanika@gmail.com

ପରେ ଜେଲରେ ଗୃହକର୍ମ କଲି । ବଡ଼ ଆନନ୍ଦରେ ଦିନ-ଗୁଡ଼ିକ କଟିଗଲା ।

କିଛିଦିନ ପରେ ରଜନୀର ଗର୍ଭଲକ୍ଷଣ ପ୍ରକାଶ ପାଇଲା । ମୁଁ ଦିନେ ବସିକରି ଭାବିଲି, "ଆହା ଯେଉଁ ହତଭାଗ୍ୟଟି ଆମ କୋଳରେ ଜନ୍ମ ହେବ, ସେ ଜାରଜ ସନ୍ତାନର ଛାପା ମୁଣ୍ଡରେ ଧରି ଜନ୍ମ ହେବ । ବହୁତ ବ୍ରାହ୍ମଣ ପଣ୍ଡିତ ଓ ପୁରୋହିତଙ୍କର ଦ୍ୱାରସ୍ଥ ହେଲି ! ରଜନୀ ଓ ମୋର ବିବାହ ପ୍ରସଙ୍ଗ ଉଠିଲା । ମାତ୍ର କେହି ଏ ବିବାହରେ ମତ ଦେଲେ ନାହିଁ ! ମୁଁ ସମାଜର ପାଦ ତଳେ ଆଶ୍ରୟ ଲୋଡ଼ିଲି । ମାତ୍ର ସମାଜ ଆମ୍ଭମାନଙ୍କପରି ଦୁଇଟି ନିର୍ଦ୍ଦୋଷ ପ୍ରାଣୀଙ୍କୁ ପଦାଘାତ କରି ଦୂରକୁ ଫିଙ୍ଗି ଦେଲା । ମନରେ ବଡ଼ କଷ୍ଟ ହେଲା । ଜଣେ ମୁସଲମାନ ବନ୍ଧୁଙ୍କର ପରାମର୍ଶରେ ଇସ୍‌ଲାମ ଧର୍ମର ଆଶ୍ରୟ ନେଲି । ଇସ୍‌ଲାମ ଧର୍ମ ଆମ୍ଭ ଦୁହିଁଙ୍କୁ ବଡ଼ ଆଦର ସତ୍କାରରେ କୋଳକୁ ଟାଣି ନେଲା । ସେହିଦିନଠାରୁ ମୋ ନା ପିତାମ୍ବର ଦାସ ପରିବର୍ତ୍ତିରେ ପିରୁଖାଁ ଓ ରଜନୀ ଦେବୀଙ୍କର ରଜିଆବିବି ନାମ କରଣ ହେଲା ।

ଏଥି ମଧ୍ୟରେ ଶୁଣିଲି ଯେ ମୋର ଆଶ୍ରୟଦାତା ନରେନ୍ଦ୍ରବାବୁଙ୍କର ପରଲୋକ ହୋଇ ଯାଇଅଛି ଓ ମୋହନଙ୍କ ଘରେ ଡକାଇତ ପଶି ତାଙ୍କୁ ଖଣ୍ଡ ଖଣ୍ଡ କରି ହାଣି ସର୍ବସ୍ୱ ବୋହି ନେଇଛନ୍ତି ।

Digitized by srujanika@gmail.com

ମୁଁ ଧର୍ମାନ୍ତର ଗ୍ରହଣ କରିବାରୁ ହିନ୍ଦୁମାନଙ୍କର ଅତିଶୟ ଚକ୍ଷୁଶୂଳ ହେଲି । ପ୍ରତ୍ୟକ୍ଷ ଓ ପରୋକ୍ଷରେ ଆମ୍ଭ ଦୁହିଁଙ୍କର ଅତି କୁତ୍ସିତ ସମାଲୋଚନା ଚାଲିଲା । କ୍ରମେ କ୍ରମେ ସେ ସବୁ ଏପରି ଅସହ୍ୟ ହେଲା ଯେ, ଆମେ ବାଲେଶ୍ୱର ଛାଡ଼ିବାକୁ ବାଧ୍ୟହେଲୁ । ରଂଜଆବବଙ୍କୁ ଘେନି ଏଠାକୁ ପଳାଇ ଆସିଲି ଓ ସୌଭାଗ୍ୟକୁ ଏଠାରେ ଗୋଟିଏ ଶତରଞ୍ଜି ଓ ଗାଲିଚା ବୁଣା କମ୍ପାନୀରେ [illegible] ଟଙ୍କା ଦରମାରେ ଭଲ କାମ ଖଣ୍ଡିଏ ଜୁଟିଗଲା । ସେହିଦିନଠାରୁ ଏଠାରେ ଖୁବ୍ ଆନନ୍ଦରେ ରହିଲୁ । ଏଠାରେ ମୋର ଗୋଟିଏ ପୁଅ ହୋଇ ମରିଗଲା । ବେଳେ ବେଳେ ଦେଶ କଥା, ଭାଇବନ୍ଧୁ କୁଟୁମ୍ବଙ୍କ କଥା ମନେ ପଡ଼ି ମନଟା ଘାଣ୍ଟି ଚକଟି ହୁଏ, ମାତ୍ର ପରକ୍ଷଣରେ ରଜଆବବଙ୍କର ସ୍ନେହ ସୁହାଗରେ ସବୁ ଦୁଃଖ ଆପଶୋଷ ହୋଇଯାଏ ।

ଏହି ସମୟରେ ଗାଡିବାଲା ଆସି ଡାକିଲା । ମୋ ଲୁଗାପଟା ଗାଡ଼ିରେ ଲଦା ହେଲା । ରଜଆବବ ଗୋଟିଏ [illegible] ପାନବଟା ଓ "ଭୁଲିଯିବ ନାହିଁ" ବୋଲି ନାଲି [illegible] ଲେଖାଥିବା ଖଣ୍ଡିଏ ରୁମାଲ ମତେ ଉପହାର ଦେଲେ । ବିଦାୟ ସମୟରେ ତାଙ୍କର ଦୁଇ ଆଖି ଲୁହରେ ପୂରିଗଲା । ମୋର ଏ ଦେଶଧର୍ମ ପରିତ୍ୟକ୍ତ ଦମ୍ପତିଙ୍କ ଉପରେ ଗୋଟାଏ ମାୟାମମତା ଲାଗି ଯାଇଥିଲା । ମୁଁ ମଧ୍ୟ ଅଶ୍ରୁ ନୟନରେ ତାଙ୍କଠାରୁ ବିଦାୟ ନେଲି ।

Digitized by srujanika@gmail.com

ମୋ ଗଣ୍ଠିଗ୍ରପକ ଗାଡ଼ିରେ ପୂର୍ବରୁ ଲଦା ହୋଇଥିଲା । ମିଆଁ ସାହେବଙ୍କଠାରୁ ବିଦାୟ ନେବାକୁ ଯାଉଥିଲି; ମାତ୍ର ସେ କହିଲେ ଯେ, ସେ ମତେ ବିଦାଇ ଦେବାପାଇଁ ଷ୍ଟେଶନ ପର୍ଯ୍ୟନ୍ତ ଯିବେ । ଦୁହେଁଯାକ ଆସି ଷ୍ଟେଶନରେ ପହଞ୍ଚିଲୁ । ଟିକଟ୍ କାଟି ଗାଡ଼ିରେ ବସିଲି । ମିଆଁ ସାହେବ ମଧ୍ୟ ମୋ ପାଖରେ ଆସି ବସି ବଡ଼ ବିରସ ବଦନରେ କହିଲେ, "ବାବୁସାହେବ ! ଏଥର ଆଜାଜ ଆସିଲେ ଆମ ବସାରେ ଅତିଥି ହେବେ ।" ମୁଁ ଏ ସମାଜ ପରିତ୍ୟକ୍ତ ବନ୍ଧୁଙ୍କର ସସ୍ନେହ ଅନୁରୋଧ ରକ୍ଷା କରିବ ବୋଲି ପ୍ରତିଶ୍ରୁତି ଦେଲି । ଗାଡ଼ି ଛାଡ଼ିବାର ହ୍ୱିଶିଲ୍ ହେଲା, ମିଆଁ ସାହେବ ଗାଡ଼ିରୁ ଓହ୍ଲାଇ ମୁଁ ବସିଥିବା ଝରକା ପାଖରେ ଛିଡ଼ା ହେଲେ । ଗାଡ଼ି ଚାଲିଲା । ସେ ଦ୍ରୁତ ପଦରେ ଦୁଇ ଚାରି ପାହୁଣ୍ଡ ଆଗେଇଲେ । ଗାଡ଼ିର ଗତି ବଢ଼ିବାରୁ ମୁଁ କହିଲି, "ଥାଆନ୍ତୁ ସଲାମ୍ ଅଲେକମ୍ ।" ମିଆଁ ସାହେବ ଦୁଇହାତ ମୁଣ୍ଡରେ ଲଗାଇ କହିଲେ, "**ନମସ୍କାର**" । ଗାଡ଼ି ଚାଲିଲା । ମିଆଁ ସାହେବ ଅଦୃଶ୍ୟ ହୋଇଗଲେ; ମାତ୍ର ତାଙ୍କର ସେ ବ୍ୟଥାଭରା "**ନମସ୍କାର**" ପଦଟି ମୋ କାନରେ ଲାଗି ରହିଲା ।

ସ ମା ପ୍ତ

କଟକ ନବ ଭାରତ ପ୍ରେସରେ ଶ୍ରୀ ବନମାଳୀ ମିଶ୍ରଙ୍କଦ୍ୱାରା ମୁଦ୍ରିତ

Digitized by srujanika@gmail.com

Printer

Banamali Mit

NABA BHARAT PRESS

CUTTACK.

1946

Digitized by srujanika@gmail.com